RNI No.ODIODI/2010/33031
୧୦ମ ବର୍ଷ | Volume- 10
ସଂଖ୍ୟା- ୮୭ | Issue- 87
ଭୁବନେଶ୍ୱର, ସୋମବାର ୧୦ ଜୁନ୍ ୨୦୧୯
Bhubaneswar, Monday 10 June 2019
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ହାଟରେ ସରିଲା ଜୀବନ ସଉଦା
# କାନ୍ଥ ଭୁଷୁଡି ୪ ମୃତ

ଢେଙ୍କାନାଳ ୯।୬(ନି.ପ୍ର)-ଢେଙ୍କାନାଳ ସହରସ୍ଥ ଷ୍ଟେସନ ବଜାର ଠାରେ ଥିବା ଅଳସୁଆ ସାପ୍ତାହୀକ ହାଟକୁ ବିଗତ ସପ୍ତାହ ଭଳି ବିଭିନ୍ନ ପନିପରିବା ନେଇ ବିକିବାକୁ ଆସିଥିବା ବେପାରୀଙ୍କ ଉପରେ ଏକ ବନ୍ଦ ରାଇସ୍ ମିଲ୍‌ର ପରିତ୍ୟକ୍ତ କାନ୍ଥ ଭୁଷୁଡି ପଡିବାରୁ ଜଣେ ଗ୍ରାହକଙ୍କ ସମେତ ୪ ଜଣ ପରିବା ବେପାରୀଙ୍କ ମୃତ୍ୟୁ ଘଟିଛି । ସେହିଭଳି ଅନ୍ୟ ୭ ଜଣ ପରିବା ବେପାରୀ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ପ୍ରତ୍ୟେକ ସପ୍ତାହର ରବିବାର ଦିନ ବସୁଥିବା ଏହି ସାପ୍ତାହୀକ ହାଟକୁ ଆସି ପରିବା ବେପାର କରି ପରିବାର ପ୍ରତିପୋଷଣ କରୁଥିବା କେତେକ ବେପାରୀ ଆଜି ସକାଳେ ଅନୁରୂପ ଭାବେ ପରିବା ଆଣି ବିକିବା ପାଇଁ ହାଟ ନିକଟରେ ଥିବା ବନ୍ଦ ରାଇସ୍ ମିଲର ପରିତ୍ୟକ୍ତ କାନ୍ଥ କଡରେ ବସିଥିଲେ । ପରିବା ବେପାର ଜମି ଆସୁଥିବା ବେଳେ ଆଜି ସକାଳ ପ୍ରାୟ ସାଢେ ୮ଟା ସମୟରେ ସେହି ପରିତ୍ୟକ୍ତ କାନ୍ଥଟି ହଠାତ୍ ଭୁଷୁଡି ପଡି କାନ୍ଥ କଡରେ ବସିଥିବା ବେପାରୀଙ୍କ ଉପରେ



ମାଡି ବସିଥିଲା । ଯଦ୍ୱାରା ଘଟଣା ସ୍ଥଳରେ ସଦର ଥାନା ଅନ୍ତର୍ଗତ ଚାଇଁପୁର ପାଟଣାର ବେପାରୀ ସଂଗ୍ରାମ ସାହୁ (୨୫), ଗେଙ୍ଗୁଟିଆ ଗ୍ରାମର ବେପାରୀ ରାମଚନ୍ଦ୍ର ସାହୁ (୫୫), ପରିବା କିଣୁଥିବା ଗୁରୁଜାଙ୍ଗ ଗ୍ରାମର ଅଭିମନ୍ୟୁ ବିଶ୍ୱାଳ (୫୫) ଏବଂ ତୁମୁସିଂହା ଥାନା୍ କମଗରା ଗ୍ରାମ ନିକଟ ସିଙ୍ଗପାଳ ଗ୍ରାମର ବେପାରୀ ମାୟାଧର ମଲ୍ଲିକ (୩୦)ଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଁଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହିତ ଗୁରୁତର ଆହତ ୭ ଜଣଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ୨ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ଢେଙ୍କାନାଳ ଉପ-ଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ତହସିଲଦାର ଉଦୟନାଥ ମହାପାତ୍ର, ଟାଉନ୍ ଥାନା ଅଧିକାରୀ ଅଭିନବ ଡାଲୁଆ ସଦଳବଳେ ପହଁଚି ଉଦ୍ଧାର କାର୍ଯ୍ୟ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରି ଦେଇଥିଲେ । ସୂଚନା ଯୋଗ୍ୟ ଯେ, ପୂର୍ବରୁ ସେହି ଅଳସୁଆ ହାଟକୁ ନିୟନ୍ତ୍ରିତ ବଜାର କମିଟି ପରିଚାଳନା କରୁଥିବା ବେଳେ ଢେଙ୍କାନାଳ ମୁନିସିପାଲିଟିର ଅନୁରୋଧ କ୍ରମେ ଗତ ୨୦୧୮ ମସିହାରେ ସେହି ହାଟର ପରିଚାଳନା ଦାୟୀତ୍ୱକୁ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମୁନିସିପାଲିଟିକୁ ହସ୍ତାନ୍ତର କରାଯାଇ ହାଟର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ୮ ଲକ୍ଷ ଟଙ୍କା ପ୍ରଦାନ କରା ଯାଇଥିଲା । ଦାୟୀତ୍ୱ ହସ୍ତାନ୍ତର କରାଯିବାର ଦୀର୍ଘ ୧ ବର୍ଷ ପରେ ମଧ୍ୟ ମୁନିସିପାଲିଟି ପକ୍ଷରୁ ଏହାର ଉନ୍ନୟନ ମୂଳକ କାର୍ଯ୍ୟ କରା ନ ଯିବା ଯୋଗୁଁ ବେପାରୀ ଏବଂ ଗ୍ରାହକ ମାନେ ସେଠାରେ ଅସୁରକ୍ଷିତ ଭାବେ କାରବାର କରିବା ଫଳରେ ଏଭଳି ମର୍ମନ୍ତୁଦ ଦୂର୍ଘଟଣା ଘଟି ହାଟରେ ବେପାରୀ ଓ ଗ୍ରାହକଙ୍କ ଜୀବନ ସଉଦା ସରିଗଲା ବୋଲି ଜନ ସାଧାରଣରେ ଆଲୋଚନା ହେଉଛି ।

## ନବୀନଙ୍କ ୭ ଦିନିଆ ନୂଆଦିଲ୍ଲୀ ଗସ୍ତ
# ନୀତି ଆୟୋଗ ବୈଠକରେ ଯୋଗଦେବେ



ଭୁବନେଶ୍ୱର, ୯।୬ (ନି.ପ୍ର.): ପଞ୍ଚମ ପାଳି ଶାସନ ଆରମ୍ଭ ପରେ ଆଜି ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସେ ୭ ଦିନିଆ ଦିଲ୍ଲୀ ଗସ୍ତରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ନୀତି ଆୟୋଗ ବୈଠକରେ ମଧ୍ୟ ଯୋଗ ଦେବାର ସୂଚନା ମିଳିଛି ।

ଦିଲ୍ଲୀ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଆସନ୍ତା ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଏହି ସାକ୍ଷାତ ବେଳେ ଫନି କ୍ଷେତି ନେଇ ଆଲୋଚନା କରିବେ । ଏଡା ସହିତ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟରେ ପଡି ରହିଥିବା ବିଭିନ୍ନ କେନ୍ଦ୍ରୀୟ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରିପାରନ୍ତି । ଏହା ସହିତ ଲୋଶକସଭାରେ ହେବାକୁ ଥିବା ଉପବାଚସ୍ପତି ଚୟନ ପାଇଁ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

ସେହିପରି ଆସନ୍ତା ୧୫ରେ ନୂଆଦିଲ୍ଲୀରେ ହେବାକୁ ଥିବା ନୀତି ଆୟୋଗରେ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଶୂନ୍ୟ ଫଳାଫଳ ହୋଇଥିବା କଲେଜ ଉପରେ କାର୍ଯ୍ୟାନୁଷ୍ଠାନ
# ଛଅ କଲେଜରେ ନାମଲେଖା ଉପରେ ପ୍ରତିବନ୍ଧକ

ଭୁବନେଶ୍ୱର, ୯।୬ (ନି.ପ୍ର.): ଶୂନ ଫଳାଫଳ ହୋଇଥିବା ୯ଟି କଲେଜ ଉପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଛଅଟି କଲେଜରେ ନାମ ଲେଖା ଉପରେ ପ୍ରତିବନ୍ଧକ ଲଗା ଯାଇଥିବା ବେଳେ ବଳକା ତିନୋଟି କଲେଜ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ଜଣାପଡିଛି । ଉଲ୍ଲେଖନୀୟ ଯେ ଗତ ଜୁନ୍ ୩ ତାରିଖ ଦିନ +୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଏହି ପରୀକ୍ଷାରେ ୯ଟି କଲେଜରେ କୌଣସି ପରୀକ୍ଷାର୍ଥୀ ପାସ୍ କରିନଥିଲେ । ଉଲ୍ଲେଖନୀୟ ଯେ ପରୀକ୍ଷା ଫଳ ପ୍ରକାଶ ପାଇସାରିଲା ପରେ ସାମ୍ବାଦିକମାନଙ୍କ ପ୍ରଶ୍ନରେ ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ସମୀର ଦାଶ କହିଥିଲେ ଯେ, ସମୀକ୍ଷା କରାଯିବା ପରେ ଶୂନ ରେଜଲ୍ଟ ହୋଇଥିବା କଲେଜଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ସୂଚନାଯୋଗ୍ୟ ଏଥର +୨ ବିଜ୍ଞାନରେ ମୋଟ ୯୭,୭୫୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୦,୭୦୬ ଜଣ ପାସ୍ କରିଛନ୍ତି । ଏଥର ପାସ୍ ହାର ୭୨.୩୩% ରହିଛି । ୨୦,୮୦୬ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ବେଳେ ୨,୩୯୦୪ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨୫,୩୬୦ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି ।

ବିଶ୍ୱକପ କ୍ରିକେଟ୍ ୨୦୧୯

# ଧାୱନଙ୍କ ଶତକ ଓ କୋହଲିଙ୍କ ଦମ୍ଦାର ଅର୍ଦ୍ଧଶତକ



ନୂଆଦିଲ୍ଲୀ, ୯।୬: ଡିଫେଣ୍ଡିଂ ଚାମ୍ପିଅନ୍ ଅଷ୍ଟ୍ରେଲିଆ ଆଗରେ ରନ୍‌ର ପାହାଡ ଛିଡା କରିଛି ବିରାଟ ବାହିନୀ । ନିର୍ଦ୍ଧାରିତ ୫୦ ଓଭରରେ ୫ ୱିକେଟ୍ ହରାଇ ୩୫୨ ରନ୍ ସଂଗ୍ରହ କରିଛି ଦଳ । ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଶିଖର ଧାୱନଙ୍କ ଦମଦାର ଶତକ ଏବଂ ଅଧିନାୟକ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଜବରଦସ୍ତ ଅର୍ଦ୍ଧଶତକ ବଳରେ ଅଷ୍ଟ୍ରେଲିଆକୁ ୩୫୩ରନ୍ ଟାର୍ଗେଟ୍ ଦେଇଛି ବିରାଟ ବାହିନୀ ।

ବିଶ୍ୱକପ୍‌ର ୧୪ତମ ମ୍ୟାଚ୍ ତଥା ନିଜ ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ଟିମ୍ ଇଣ୍ଡିଆ । ଆଉ ପ୍ରାରମ୍ଭରୁ ହିଁ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ ଦୁଇ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଶିଖର ଧାୱନ୍ ଓ ରୋହିତ ଶର୍ମା । ପ୍ରଥମରୁ ଧିମା ବ୍ୟାଟିଂ କରିଥିଲେ ସୁଦ୍ଧା ଶେଷ ବେଳକୁ ଦ୍ରୁତ ରନ୍ ସଂଗ୍ରହ କରି ୩୫୩ ରନ୍‌ର ଟାର୍ଗେଟ୍ ଦେଇପାରିଛି । ଖବର ଲେଖା ହେଲା ବେଳକୁ ଅଷ୍ଟ୍ରେଲିଆ ୧୪ ଓଭର ସୁଦ୍ଧା ୧ ୱିକେଟ୍ ହରାଇ ୬୪ ରନ୍ ସଂଗ୍ରହ କରିନେଇଥିଲା ।

## ଆମେରିକାଠାରୁ ସଶସ୍ତ୍ର ଡ୍ରୋନ୍ କିଣିବ ଭାରତ

ନୂଆଦିଲ୍ଲୀ, ୯।୬: ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ସମୃଦ୍ଧ କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ସଶସ୍ତ୍ର ଡ୍ରୋନ୍ ବିକିବାକୁ ରାଜି ହୋଇଛି । ଏହା ସହିତ ପ୍ରତିରକ୍ଷା ମିଶାଇଲ୍ ସିଷ୍ଟମ ବିକିବାକୁ ପ୍ରସ୍ତାବ ଦେଇଛି । ଭାରତ ଓ ଉପସାଗରୀୟ କ୍ଷେତ୍ରରେ ସୁରକ୍ଷା ଓ ନିରାପତା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ଯୁକ୍ତରାଷ୍ଟ୍ର ଆମେରିକା ଗୁରୁତ୍ୱାରୋପ କରିଛି । ବିଶେଷକରି ପୁଲୱାମା ଆତଙ୍କୀ ହମ୍‌ଲାରେ ୪୦ ଜଣ ଭାରତୀୟ ଯବାନଙ୍କ ସହିଦ ପରେ ଆମେରିକା ମିଶାଇଲ୍ ସିଷ୍ଟମ୍ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲା । ଭାରତକୁ ଶ୍ରେଷ୍ଠ ପ୍ରତିରକ୍ଷା ସାମଗ୍ରୀ ବିକିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଗ୍ରହୀ ଅଛନ୍ତି ବୋଲି ହ୍ୱାଇଟ୍ ହାଉସ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ । ତେବେ ଭାରତକୁ କେବେ ଅସ୍ତ୍ରଶସ୍ତ୍ର ଖଚିତ ଡ୍ରୋନ୍ ବିକ୍ରି କରାଯିବ, ସେ ସମ୍ପର୍କରେ କୌଣସି ସୂଚନା ଦେଇନଥିଲେ । ୨୦୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭେଟ ସମୟରେ ଶତ୍ରୁ ରାଷ୍ଟ୍ର ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଉଦ୍ଦିଷ୍ଟ ଡ୍ରୋନ୍ ବିକିବା ପାଇଁ ଆମେରିକା ରାଜିନାମା କରିଥିଲା । ଫଳରେ ଭାରତ ସମୁଦ୍ରତଟ ସୁରକ୍ଷା ପାଇଁ ଆମେରିକାଠାରୁ ପ୍ରଥମ ଏମ୍‌ଟିସିଆର୍ କ୍ୟାଟାଗୋରୀ-୧ ମାନବ ବିହୀନ ଏରିଏଲ୍ ସିଷ୍ଟମ୍ ଲାଭ କରିଛି ।

## ପାରିବାରିକ କଳହର କରୁଣ ପରିଣତି
# ସ୍ତ୍ରୀକୁ ମାରି ଆତ୍ମସମର୍ପଣ କଲା ସ୍ୱାମୀ

କେନ୍ଦ୍ରାପଡା, ୯।୬ (ନି.ପ୍ର.): କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ଅରଖକୁଦ ଗ୍ରାମରେ ଜଣେ ବ୍ୟକ୍ତି ଆଜି ନିଜ ପତ୍ନୀକୁ ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛି । ମୃତ ମହିଳାଙ୍କ ନାମ ବନିତା ଜେନା । ତାଙ୍କ ସ୍ୱାମୀଙ୍କ ନାମ ଚନ୍ଦନ ଜେନା । ଆଜକୁ ୫ ବର୍ଷ ତଳେ ଚନ୍ଦନ କଟକ ଜିଲ୍ଲା ମାହାଙ୍ଗା ଥାନା ଅଞ୍ଚଳରେ କୁମୁଡା ଜୟପୁର ଗ୍ରାମରେ ବନିତାଙ୍କୁ ପ୍ରେମ ବିବାହ କରିଥିଲା । ତେବେ ଆଜି ସକାଳେ ପାରିବାରିକ କଳହକୁ କେନ୍ଦ୍ର କରି ଚନ୍ଦନ ହଠାତ୍ ଉତ୍କ୍ଷିପ୍ତ



ହୋିପଡିଥିବା । ରାଗରେ ଏକ ଧାରୁଆ ଅସ୍ତ୍ରରେ ବନିତାଙ୍କୁ ଆକ୍ରମଣ ମରିଥିଲା । ଫଳରେ ଘଟଣାସ୍ଥଳରେ ହିଁ ବନିତାଙ୍କ ମୃତ୍ୟୁ ହୋଇଯାଇଥିଲା । ବନିତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ବେଳେ ଅଭିଯୁକ୍ତ ସ୍ୱାମୀ ଚନ୍ଦନ ଘରର କବାଟ ବନ୍ଦ କରି ଥାନାକୁ ଆସି ପୋଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲା । ଘଟଣାରେ ପୋଲିସ୍ ତାକୁ ଗିରଫ କରିଛି । ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତ ମହିଳାଙ୍କ ଶବ ଜବତ କରିବା ସହିତ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ସାଇଣ୍ଟିଫିକ୍ ଟିମ୍ ମଧ୍ୟ ସେଠାରେ ପହଞ୍ଚି ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରି ଫେରିଛନ୍ତି । ପୋଲିସ୍ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଛତିଶା ନିଯୋଗ ବୈଠକ
## ସ୍ନାନଯାତ୍ରାଠୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ଚୂଡାନ୍ତ



ପୁରୀ, ୯।୬ (ନି.ପ୍ର): ସ୍ନାନଯାତ୍ରାଠାରୁ ରଥଯାତ୍ରା, ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ତିନି ଠାକୁରଙ୍କ ନାନାଦି ନୀତି ନେଇ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶାନିଯୋଗ ବୈଠକ ଅନୁଷ୍ଠିତ ହୋଇଛି । ନିକଟରେ ନୀତି ସବ୍ କମିଟି ବୈଠକ ଅନୁଷ୍ଠିତ ହୋଇ ନୀତି ସଂପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।

ରଥଯାତ୍ରା, ନୀଳାଦ୍ରବିଜେ ଆଦିର ନୀତି ଚୂଡାନ୍ତ ହୋଇଛି । ଆଜି ଅପରାହ୍ନରେ ହୋଇଥିବା ଛତିଶାନିଯୋଗ ବୈଠକରେ ରଥଯାତ୍ରା ଆଦିର ବିଭିନ୍ନ ନୀତି ଚୂଡାନ୍ତ ହୋଇଛି । ପରେ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପରିଚାଳନା କମିଟି ବୈଠକରେ ବିସ୍ତୃତ ଆଲୋଚନା କରଯାଇ ନୀତି ନିର୍ଘଣ୍ଟ ଉପରେ ମୋହର ବାଜିବ ।

## ରାଜ୍ୟ ବିଜେପି କୋର୍ କମିଟି ଓ ପଦାଧିକାରୀ ବୈଠକ
# ଚୌକିଦାର ସାଜି ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରହିବ

ଭୁବନେଶ୍ୱର, ୯।୬ (ନି.ପ୍ର.): ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ କୋର କମିଟି ଓ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଛି । ଗତ ସାଧାରଣ ନିର୍ବାଚନରେ ବିଜେପି ପାଇଥିବା ସଫଳତା ପଛରେ ଲକ୍ଷ ଲକ୍ଷ ଲୋକଙ୍କ ମତକୁ ସମ୍ମାନ ଜଣାଇବା ସହ ସମଗ୍ର ଓଡିଶାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଅଛି । ଦଳର ବରିଷ୍ଠ ନେତୃବୃନ୍ଦଙ୍କ ଦ୍ୱାରା ନିର୍ବାଚନ ପରାଜୟର ସମୀକ୍ଷା କରିବା ସହ ଆଗାମୀ ପାଟକୁରା ଏବଂ ବିଜେପୁର ନିର୍ବାଚନ ରଣନୀତି ସଂପର୍କରେ ଆଲୋଚନା ହୋଇଛି । ଏଥି ସହ ବାତ୍ୟା ଫନିରେ ରାଜ୍ୟ ସରକାର ଫେଲ୍ ମାରିବା ଏବଂ ପାଟଣାଗଡ ବିଧାୟକ ସର୍ବସମ୍ମୁଖରେ ଏକ ସରକାରୀ ଅଫିସରଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ ଆଦି ଆଲୋଚନା ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ସାଧାରଣ ସଂପାଦକ ଶ୍ରୀ ପୃଥୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି ।

ଲୋକସଭା ସିଟରେ ବିଜେପି ୩୦୩ ଆସନ ପାଇ ବିଶାଳ ବିଜୟ ହାସଲ କରିଛି । ଏହି ବିଜୟ ପାଇଁ ରାଜ୍ୟ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇବା ସହ ଧନ୍ୟବାଦ ଜ୍ଞାପନ କରାଯାଇଛି । ରାଜନୈତିକ ଷ୍ଟ୍ରାଟେଜି ଆପଣାଇ ବିଜେପି ଏହି ବିଶାଳ ବିଜୟ ଲକ୍ଷ୍ୟକୁ ହାସଲ କରିଥିବାରୁ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଅମିତ ଶାହାଙ୍କୁ ବି ରାଜ୍ୟ ବିଜେପି ଅଭିନନ୍ଦନ



ଏବଂ କୃତଜ୍ଞତା ଜଣାଇଛି । ଓଡିଶା ପ୍ରଦେଶରେ ଆଗାମୀ ଦିନରେ ବିକାଶ ପ୍ରତିବଦ୍ଧତା ପାଇଁ ପୁଣିଥରେ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବରିଷ୍ଠ ମନ୍ତ୍ରୀଭାବେ ଦାୟୀତ୍ୱ ଦେଇଥିବାରୁ ଏବଂ ଶ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ନେଇଥିବାରୁ ରାଜ୍ୟ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଯାଇଛି । ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟ ବିଜେପିର ୮ ସାଂସଦ ଏବଂ ୨୩ ବିଧାୟକଙ୍କୁ ଓଡିଶାର ଜନସାଧାରଣ ବିଜୟୀ କରିଥିବାରୁ ସମଗ୍ର ଓଡିଶାବାସୀଙ୍କୁ ରାଜ୍ୟ ବିଜେପି ଧନ୍ୟବାଦ ଜଣାଇଛି । ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ରାଜ୍ୟର ୯୧ ଲକ୍ଷ ମତଦାତା ରାଜ୍ୟ ବିଜେପି ସପକ୍ଷରେ ମତଦାନ କରିଛନ୍ତି । ବିପୁଳ ସଂଖ୍ୟାରେ ମତଦାତାମାନେ ନିଜର ମତ ଦେଇଥିବାରୁ ସମଗ୍ର ଓଡିଶାବାସୀ ଏବଂ ମତଦାତାଙ୍କୁ ରାଜ୍ୟ ବିଜେପି ନତ ମସ୍ତକ ହୋଇ ଧନ୍ୟବାଦ ଏବଂ କୃତଜ୍ଞତା ଜଣାଇଛି । ଆଗାମୀ ଦିନରେ ଓଡିଶାର ଜନ ଜୀବନ ସୁରକ୍ଷା ଏବଂ ଓଡିଶାର ସ୍ୱାର୍ଥର ସୁରକ୍ଷା ପାଇଁ ବିଜେପି ଚୌକିଦାର ଭଳି ଛିଡା ହୋଇ ଲଢେଇ ଜାରି ରଖିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ରାଜ୍ୟ ବିଜେପିର ଆଜିର ବୈଠକରେ ନିର୍ବାଚନ ପରାଜୟର ସମୀକ୍ଷା ହୋଇଛି । ଏହା ସହ ଆଗାମୀ ଦିନରେ କିଭଳି ସାଙ୍ଗଠନିକ ସ୍ଥିତିକୁ ସମସ୍ତ ସ୍ଥାନରେ ସୁଦୃଢ କରାଯିବ ସେନେଇ ଆଲୋଚନା ହୋଇଛି । ଆଗାମୀ ପାଟକୁରା ଏବଂ ବିଜେପୁର ଉପନିର୍ବାଚନ ରଣନୀତି ସଂପର୍କରେ ଏହି ବୈଠକରେ ଆଲୋଚନା ହୋଇଛି ବୋଲି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

ରାଜ୍ୟ ସରକାରଙ୍କ ଅସଲ ଚେହେରା ଏବେ ପୁଣି ପଦାକୁ ଆସିଛି । ବାତ୍ୟା ଫନିକୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ଏଯାବତ ରାଜ୍ୟ ସରକାର କ୍ଷୟକ୍ଷତି ଆକଳନ କରି ପାରିନାହାଁନ୍ତି । ଏବେ ବି ପୁରୀ ଜିଲ୍ଲାର ଅଧିକାଂଶ ଗାଁରେ ବିଦ୍ୟୁତ ପହଂଚିନି । ବାତ୍ୟା ପରେ ମୌଳିକ ସୁବିଧାରୁ ହଜାର ହଜାର ଜନସାଧାରଣ ବଂଚିତ ଅଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି । ଅନ୍ୟପଟେ ଶାସକ ବିଜେଡି ବିଧାୟକମାନଙ୍କ ଅହଂକାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗତ ୫ ବର୍ଷରେ ବିଜେଡି ବିଧାୟକମାନେ ଅନେକ ସ୍ଥାନରେ ସରକାରୀ ଅଫିସରମାନଙ୍କୁ ମାଡ ମାରିବା, ଧମକ ଦେବା ଏବଂ ବିରୋଧୀ ଦଳର କାର୍ଯ୍ୟକର୍ତାମାନଙ୍କ ଉପରେ ଆକ୍ରମଣ କରିଥିଲେ । ଏବେ ପାଟଣାଗଡର ବିଜେଡି ବିଧାୟକ ସରୋଜ ମେହେର ସରକାରୀ ଅଫିସରଙ୍କୁ ରାସ୍ତା ଉପରେ ଉଠ ବସ କରାଇ ପୁଣିଥରେ ବିଜେଡିର ଗୁଣ୍ଡାରାଜ ଶାସନ ଚଳାଇବାର ଆରମ୍ଭ କରିଛି । ରାଜ୍ୟରେ ଏଭଳି ଗୁଣ୍ଡାରାଜ ଏବଂ ଅରାଜକତାକୁ ରାଜ୍ୟ ବିଜେପି ପକ୍ଷରୁ ଦୃଢ ନିନ୍ଦା କରିବା ସହ ତୁରନ୍ତ ଏଭଳି ଘଟଣାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ସଂପୃକ୍ତ ବିଧାୟକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀ ହରିଚନ୍ଦନ ଦାବି କରିଛନ୍ତି । ଏହି ଅବସରରେ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରଥମେ ରାଜ୍ୟ ବିଜେପି କୋର କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହା ପରେ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତିମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଭାପତି ଶ୍ରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ଓ ମୁଖପାତ୍ର ଶ୍ରୀ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ରାଜ୍ୟ ପ୍ରଭାରୀ ଅରୁଣ ସିଂହ , ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ, ଗିରିଧର ଗମାଙ୍ଗ, କନକ ବର୍ଦ୍ଧନ ସିଂହଦେଓ ଏବଂ ମନମୋହନ ସାମଲଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ସଭାପତି ପ୍ରମୁଖ ଉପସ୍ଥିତ ଥିଲେ ।

## ଡାହୁକ



ଶୋଷ ମାରିବାକୁ ମିଳୁନେଇଁ ପାଣି
ଅସହ୍ୟ ହେଉଛି ଦୁଃଖ
ଆମ ଜଳ ସଂରକ୍ଷଣ ଦେଖ
କି ବାଗିଆ ତଦାରଖ
ପିଚିପିଚି କରି ବହେ ଅନର୍ଗଳ
ଏମିତି ବରଷ ଜାକ ।
-ବିଧୂ



## ମହାନଗର ନିଗମ ନିର୍ବାଚନ ଘଣ୍ଟି ବାଜିବାକୁ ଆଉ ୪ ମାସ

# ମେୟର ପାଇଁ ସବୁ ଦଳରେ ପ୍ରାର୍ଥୀ ଚିନ୍ତା, ବିଜେଡିରେ ଅଧିକ ଅଶାୟୀ ଅଛନ୍ତି !

**ବ୍ରହ୍ମପୁର,୧୦।୬(ନିପ୍ର):** ଚଳିତ ସାଧାରଣ ନିର୍ବାଚନରେ ଶାସକ ଦଳ ବିଜେଡିର ରାଜ୍ୟରେ ସବୁ ଜିଲ୍ଲା ମାନଙ୍କରେ ଦବ୍ ଦବା ରହିଥିବା ପ୍ରମାଣିତ ହୋଇଛି । ଭୋଟ୍ ହାର କିଛି ପରିମାଣରେ କମିଥିଲେ ମଧ୍ୟ ଫଳାଫଳ ବିଜେଡିକୁ ବିଭୋର କରିଛି । ସାଧାରଣ ନିର୍ବାଚନ ପରେ ଏବେ ମହାନଗର ନିଗମ କର୍ପୋରେଟର ଓ ମେୟର ନିର୍ବାଚନ ପାଇଁ ସବୁ ଦଳର କର୍ମିମାନେ ଉତ୍ସାହିତ ରହିଛନ୍ତି । ଏହି ପଦ ପାଇଁ ସିଧାସଳଖ ନିର୍ବାଚନ ହେବ ବୋଲି ସବୁଜ ସଂକେତ ମେଳିବା ପରେ ଏବେ ଏହାକୁ ନେଇ ପ୍ରତି ଦଳରେ କସରତ ଆରମ୍ଭ ହୋଇଛି । ବ୍ରହ୍ମପୁର ସହରରେ ଏହି ମେୟର ପଦବୀକୁ ନେଇ ସବୁ ରାଜନୈତିକ ଦଳ ପକ୍ଷରୁ ଚର୍ଚ୍ଚାର ବିଷୟ ହୋଇଛି । ବିଧାୟକ ପଦ ଭଳି ମେୟର ପଦବୀ ମଧ୍ୟ ଏକ ପ୍ରମୁଖ ପଦବୀ ହୋଇଥିବାରୁ ଏଥିପାଇଁ ସହରର ଅଶାୟୀ ପ୍ରାର୍ଥୀ ଏବଂ ସେମାନଙ୍କ ସହଯୋଗୀମାନଙ୍କ ମଧ୍ୟରେ ଲବି ଆରମ୍ଭ ହୋଇଯାଇଛି । ତେବେ ଏହା ତଫସିଲଭୁକ୍ତ ଜାତି ଓ ଉପଜାତି ନା ମହିଳା ନା ସାଧାରଣ ବର୍ଗ ପାଇଁ ସଂରକ୍ଷିତ ତାହା ବର୍ତ୍ତମାନ ଯାଏଁ ଜଣାପଡିନାହିଁ । ରାଜ୍ୟରେ ବର୍ତମାନ କଂଗ୍ରେସର ସ୍ଥିତି ଭୁଶୁଡି ପଡିଥିବା ବେଳେ ବିଜେପିର ଭୋଟ ହାରରେ ଅହେତୁକ ବୃଦ୍ଧି ପାଇଁଛି । ବିଜେଡି ଦଳର ପ୍ରାୟ ୪ ଜଣଙ୍କ ନାମ ଚର୍ଚ୍ଚାରେ ରହିଛି । ସେମାନେ ବିଧାନ ସଭା ନିର୍ବାଚନରେ ଦଳ ଓ ପ୍ରାର୍ଥୀଙ୍କ ପାଇଁ କାମକରି ଆସ୍ଥା ସୃଷ୍ଟି କରିପାରିଛନ୍ତି । ଏଥି ପାଇଁ ମହାନଗର ଯୁବ ବିଜେଡି ଉପସଭାପତି ତଥା ୫ ନଂ ବାର୍ଡ ର କର୍ପୋରେଟର ଆର୍ ,ମୁରୁଳି ମୋହନଙ୍କ ନାମ ଚର୍ଚ୍ଚାରେ ରହିଛି । କଂଗ୍ରେସରୁ ଆସି ବିଜେଡିରେ ସାମିଲ ହେବା ପରେ ସେ ସହରର ବିଜୁ ଯୁବ ବାହୀନୀକୁ ସଂଘଠିତ କରିବା ସହ ଦଳୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଏପରିକି ଅନେକ ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ ଦଳର କର୍ମୀ ଓ ନିଜକୁ ସାମିଲ କରୁଛନ୍ତି । ସେ ମୂଖ୍ୟତଃ ବ୍ରହ୍ମପୁର ସହରର ସାଧାରଣ ନିର୍ବାଚନରେ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ପାଇଁ କାମ କରି ଭୋଟରେ ତାହାକୁ ରୂପାନ୍ତରିତ କରିବାରେ ସେ ସଫଳ ହୋଇଛନ୍ତି । ତାଙ୍କ ପଛରେ ଜନସମର୍ଥନ ରହିଥିବା ଦେଖିବାକୁ ମଧ୍ୟ ମେଳିଛି । ଅନ୍ୟ ପକ୍ଷରେ ମହିଳା ପ୍ରାର୍ଥୀନୀ ଭାବେ ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳେଇଙ୍କ ନାମ ଚର୍ଚ୍ଚାକୁ ଆସୁଛି । ସେ ମଧ୍ୟ ଏହି ପଦବୀ ପାଇଁ ଆଶାୟୀ ରହିଛନ୍ତି । ତତ୍ ସଙ୍ଗେ ସଙ୍ଗେ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ନାମ ରହିଥିବା ବେଳେ ତାଙ୍କ ପାଇଁ ପୁର୍ବତନ ବିଧାୟକ ଚ୍ୟାଉ ପଟ୍ଟନାୟକ ଲବି କରିବା ସ୍ୱାଭାବିକ ବୋଲି ଆଲୋଚନା ହେଉଛି । ସବୁ ଠାରୁ ବଡ କଥା ହେଲା କୌଣସି ରାଜନେତିକ ବା କର୍ପୋରେଟର ନ ହୋଇ ଥିବା ପ୍ରାର୍ଥୀ ଲୁଲୁ ମଙ୍ଗରାଜଙ୍କ ନାମ ବହୁ ମାତ୍ରାରେ ବିକଷିତ ହେଉଛି ବ୍ରହ୍ମପୁର ସହରର ମେୟର ପଦ ପାଇଁ । ସେ ଜଣେ ସମାଜସେବୀ, ଆଇନଜୀବୀ, ତଥା ଏକ ସୁନାମ ଧନ୍ୟ ବିଲ୍ଡର ରୂପେ ପରିଚିତ ଲୁଲୁ ମଙ୍ଗରାଜ ଏହି ପଦବୀ ପାଇଁ ଆଶାୟୀ ରହିଥିବା ଜଣାପଡିଛି । ସେହି ପରି ପୂର୍ବତନ ମେୟର କେ, ମାଧବୀଙ୍କ ଭାଇ ତଥା ପୂର୍ବତନ ବିଧାୟକଙ୍କ ପ୍ରତିନିଧି କେ,ଅନୀଲ କୁମାର ମଧ୍ୟ ଏହି ମେୟର ଆଶାୟୀ ଦୌଡରେ ରହିଛନ୍ତି । ତେଣୁ ଦଳ ମଧ୍ୟରେ ନିର୍ବାଚନ ସମୟରେ କନ୍ଦଳ ହେବ ଏବଂ ଯାହାକୁ ଟିକେଟ ନ ମେଳିବ ସେମାନେ ଅନ୍ୟ ଦଳକୁ ଯିବା ପାଇଁ ମଧ୍ୟ ପଛଘୁଂଚା ଦେବେ ନାହିଁ ବୋଲି ଆଶଙ୍କା କରାଯାଉଛି । ତେଣୁ ଦଳ ବର୍ତମାନ ଠାରୁ ପ୍ରାର୍ଥୀଙ୍କ ପାଇଁ ଚିନ୍ତିତ ରହିଛି । ସେହି ପରି ଜାତୀୟ ଦଳ ବିଜେପିରେ ବର୍ତମାନ ମେୟର ପଦବୀ ପାଇଁ ପ୍ରାର୍ଥୀଙ୍କ ସଂଖ୍ୟା କମ ନଥିବା ବେଳେ ଚର୍ଚ୍ଚାରେ ଜେଲ୍ ରେ ଥିବା ପିନ୍ଟୁ ଦାଶ ଅଛନ୍ତି । ପିନ୍ଟୁ ଯଦି କୌଣସି ମାମଲାରେ ଦଣ୍ଡିତ ନ ହୁଅନ୍ତି, କିମ୍ବା ମେୟର ନିର୍ବାଚନ ପୁର୍ବରୁ ଜେଲ ରୁ ମୁକୁଳି ଯାନ୍ତି ତେବେ ଦଳ ତାଙ୍କୁ ପୁଣି ଗ୍ରହଣ କରି ଟିକେଟ ଦେବାର ସମ୍ଭାବନା ରହିଛି । ତେବେ ଅର୍ଥ ହିଁ ପୌର ନିର୍ବାଚନରେ ପ୍ରାର୍ଥୀଙ୍କ ମାପକାଠି ହେବା ଆଶା କରାଯାଉଛି । ବ୍ରହ୍ମପୁର ସହରର ୪୧ ଟି ବାର୍ଡର କର୍ପୋରେଟରଙ୍କ ହାତ କରିବା ସହ ନିର୍ବାଚନ ଲଢିବା ପାଇଁ ପ୍ରବଳ ମାତ୍ରାରେ ଖର୍ଚ୍ଚ କରିବାକୁ ହେବ । ପ୍ରାର୍ଥୀ ଚୟନ କରିବାରେ ବିଜେଡି, ବିଜେପି ଓ କଂଗ୍ରେସ ପାଇଁ ନିଶ୍ଚିତ ଭାବେ ଅସୁବିଧା ହେବ ।

# ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

**ଢେଙ୍କାନାଳ,୯।୬(ନି.ପ୍ର):** ଗତ କିଛି ଦିନ ଧରି ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ତହସିଲ ଅଞ୍ଚଳରେ ବଜ୍ରପାତ ଘଟି ଏକାଧିକ ପୁରୁଷ ଓ ମହିଳା ମୃତାହତ ହୋଇଥିବା ବେଳେ ପୁଣି ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଜିଲ୍ଲାର ଭୂବନ ତହସିଲ ତଥା ଥାନା ଅନ୍ତର୍ଗତ ବାଲିବୋ ପଂଚାୟତ କେଶରପୁର ଗାଁର ବୃଦ୍ଧ ପିତ ଦେହୁରୀ ତାଙ୍କ ଚାଳ ଘରକୁ ନଡାରେ ଛପର କରୁଥିଲେ । ସେତିକି ବେଳେ ତଳେ ଠିଆହୋଇ ତାଙ୍କ ପତ୍ନୀ ନିଳ (୫୫) ସ୍ୱାମୀଙ୍କୁ ନଡା ଯୋଗାଉଥିଲେ । ଠିକ୍ ସେହି ସମୟରେ ବଜ୍ରପାତ ହେବାରୁ ବଜ୍ରାଘାତରେ ନିଳ ଚେତାଶୁନ୍ୟ ହୋଇ ତଳେ ପଡି ଯାଇଥିଲେ । ତାଙ୍କୁ ପରିବାର ସଦସ୍ୟମାନେ ଉଦ୍ଧାର କରି ଭୂବନ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରି ମୃତ ଘୋଷଣା କରିଥିଲେ । ଖବର ପାଇ ଡାକ୍ତରଖାନାରେ ପୋଲିସ୍ ପହଁଚି ଶବକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଥିଲେ । ସୂଚନା ଯୋଗ୍ୟ ଯେ, ଗତ ୨ ଦିନ ପୂର୍ବେ ସଦର ଥାନା ଅଧିନ ଭାପୁର ଫାଣ୍ଡିର ଭାପୁର ଗ୍ରାମରେ ରାତ୍ର ବେଳେ ବଜ୍ରପାତ ଘଟି ଗ୍ରାମର ଅମରେନ୍ଦ୍ର ମହାପାତ୍ର (୩୫)ଙ୍କ ମୃତ୍ୟୁ ହୋଇଥିଲା । ସେହିଭଳି କାମାକ୍ଷାନଗର ଥାନା ଅଂଚଳରେ ଏକାଧିକ ବଜ୍ରପାତ ଘଟି ତେନ୍ତୁଳିସିଙ୍ଗା ଗ୍ରାମର ସୌଦାମିନୀ ନାୟକ (୩୦), ମହୁଲପାଳ ଗ୍ରାମର ନୃପତି ବେହେରା (୨୫) ଓ ଶୁକ ଦେହୁରୀ (୩୦) ଗୁରୁତର ଆହତ ହୋଇଥିଲେ । ସଦର ଥାନା ସିମିନଇ ଗ୍ରାମରେ ବଜ୍ରପାତ ଘଟି ଗ୍ରାମର ଅଭୟ ପରିଡା (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ ଅଭିଷେକ ମହାରଣା (୧୯) ଗୁରୁତର ଆହତ ହୋଇଥିଲେ । ଭୂବନ ଥାନା ଅସୁରବନ୍ଧ ଗ୍ରାମରେ ବଜ୍ରପାତ ଘଟି କରୁଣାକର ବେହେରା (୩୬) ଏବଂ ଲିପାରାଣୀ ବେହେରା (୧୭) ଗୁରୁତର ଆହତ ହୋଇଥିଲେ । ଏତଦ୍ ବ୍ୟତୀତ କାମାକ୍ଷାନଗର ଥାନା ପଲ୍ଲିସାନ୍ତରାପୁର ଗ୍ରାମରେ ବଜ୍ରପାତ ଘଟି ବାଉରୀବନ୍ଧୁ ପ୍ରଧାନଙ୍କ ପୁଅ ସୁଶାନ୍ତ (୧୫) ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ ।

# ଗ୍ରୀଷ୍ମକାଳୀନ ସିପକଟାକ୍ରୋ ପ୍ରଶିକ୍ଷଣ ଶିବିର



କଟକ,୯।୬(ନିପ୍ର): କଟକ ବାରବାଟୀ ଷ୍ଟାଡିୟମସ୍ଥିତ ସିପକ ଟାକ୍ରୋ ସଂଘ ପ୍ରାଙ୍ଗଣରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ଏହି ଶିବିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦ ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଭାଗ ନେଇଛନ୍ତି । ଏହି ଶିବିର ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରାଜ୍ୟ ବେସ୍‌ବଲ ସଂଘର ସମ୍ପାଦକ ଶିବନନ୍ଦ ପ୍ରଧାନ, ସମ୍ମାନୀୟ ଅତିଥି କ୍ରୀଡ଼ା ସଂଗଠକ ସସ୍ମିତା ଦାସ, ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ସେକ ୟୁନୁସ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି ଶିବିରରୁ ଜାତୀୟ ସିପକ ଟାକ୍ରୋ ଶିବିର ପାଇଁ ଖେଳାଳି ଚୟନ କରାଯିବ ବୋଲି ରାଜ୍ୟ ସିପକ ଟାକ୍ରୋ ସଂଘର ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ବନବିଭାଗ ପକ୍ଷରୁ ଚଢାଉ, ୬ ଲଗ୍ କାଠ ଜବତ

**ଦଶପଲ୍ଲା,୯/୬(ନିପ୍ର):** ଦଶପଲ୍ଲା ବନାଚଂଳ ଅଧିନସ୍ଥ ସଦର ସେକ୍ସନର ସ୍ଥାନୀୟ ଜଗାପୁର ଠାରୁ ଚଢାଉ କରି ଆଜି ସଂଧ୍ୟାରେ ବନବିଭାଗ ୬ଟି ମୂଲ୍ୟବାନ କାଠଲଗ୍ ଜବତ କରିଛି । ବାହାରକୁ ଚାଲାଣ ଉଦ୍ଦେଶ୍ୟରେ କାଠ ଗୁଡିକ ରଖାଯାଇଥିବା ନେଇ ବନାଚଂଳ ଅଧିକାରୀ ସୋମନାଥ ନାୟକ ସୂଚନା ପାଇଥିଲେ । ମାତ୍ର ଏହାକୁ ନେଇ ସଦର ବନପାଳ ବବୁଲ ସାହୁଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଯୋଗାଯୋଗ ହୋଇ ପାରିନଥିଲା । ଶେଷରେ ବନରକ୍ଷୀ ସନ୍ତୋଷ ଦୋରା ଓ ସ୍କାର୍ଡ ମିଳିତ ଭାବେ ଚଢାଉ କରିଥିଲେ । ଜଗାପୁର ଗାଁ ନିକଟସ୍ଥ ଏକ ବୁଦାରେ ରଖାଯାଇଥିବା ୪ଟି ଶାଗୁଆନ ଲଗ୍ ସହ ୧ଟି କଶି ଓ ୧ଟି ଶିରିଶ କାଠ ଲଗ୍ ଜବତ କରିଛନ୍ତି । ମାତ୍ର ବଡକଥା ହେଉଛି ଆଜି ରବିବାର ଥିବା ବେଳେ ବନପାଳ କୌଣସି ଛୁଟି ନନେଇ କିମ୍ବା କୌଣସି ସୂଚନା ନଦେଇ କାର୍ଯ୍ୟାଳୟରେ ଦିନତମାମ୍ ଅନୁପସ୍ଥିତ ଥିବା ବନାଚଂଳ ଅଧିକାରୀ ଶ୍ରୀ ନାୟକ କହିଛନ୍ତି । ଏଭଳି ଦିର୍ଘଦିନ ଧରି ସମ୍ପୃକ୍ତ ବନପାଳଙ୍କ ଖିଆଲି କାର୍ଯ୍ୟକଳାପ ଏବଂ ଅନୁପସ୍ଥିତ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।



## ଯୌତୁକ ଜନିତ ବଧୂହତ୍ୟା ଅଭିଯୋଗ

# ପ୍ରତିବାଦରେ ଶ୍ୱଶୁରଘର ପୋଡିଲେ ବାପଘର ଲୋକ

**କେନ୍ଦ୍ରାପଡା,୯/୬(ନିପ୍ର):** ଏକ ଯୌତୁକ ଜନିତ ବଧୂହତ୍ୟା ପ୍ରତିବାଦରେ ବାପ ଘର ଲୋକେ ଶାଶୁ ଘରେ ପହଞ୍ଚି ଜିନିଷପତ୍ର ଭଙ୍ଗା ରୁଜା କରିବା ସହିତ ୨ ବଖରା ଘର ପୋଡି ଦେଇଥିବା ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଂସାର ପଞ୍ଚାୟତ ଏଣ୍ଡର ଗ୍ରାମର ବାବାଜୀ ମହାରଣା ଗତ ୨୦୧୨ ମସିହାରେ ସେହି ଥାନା ଅନ୍ତର୍ଗତ ବଳିରାଜ ଗ୍ରାମର ରିଙ୍କି ମହାରଣାଙ୍କୁ ବିବାହ କରିଥିଲେ । ବିବାହ ସମୟରେ ବରପକ୍ଷର ଦାବି ମୁତାବକ ସମସ୍ତ ଯୌତୁକ ପ୍ରଦାନ କରାଯାଇଥିଲା । ଏହାର କିଛି ଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁ ଘର ଲୋକେ ରିଙ୍କି ଉପରେ ଅତ୍ୟାଚାର କରୁଥିଲେ । ଶନିବାର ଦିନ ରିଙ୍କି ଘରେ ରଶି ଦେଇ ଆତ୍ମହତ୍ୟା କରିଥିଲେ । ଝିଅ ମାରି ଯାଇଥିବାର ଖବର ପାଇ ବାପ ଘର ଲୋକେ ଝିଅ ଘରେ ପହଞ୍ଚି ଆସବାବପତ୍ର ଫିଙ୍ଗା ଫୋପଡା କରିବା ସହିତ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି । ଏଥିରେ ବାବାଜୀ ମହାରଣାଙ୍କ ୨ ବଖରା ଚାଳ ଛପର ଘର ସହିତ ସମସ୍ତ ଆସବବାବ ପତ୍ର ପୋଡି ପାଉଁଶ ହୋଇଯାଇଛି । ଖବର ପାଇ କେନ୍ଦ୍ରାପଡାରୁ ଅଗ୍ନିଶମ ବାହିନୀ ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ରିଙ୍କିର ମାଆ ଝୁନୁ ମହାରଣା ତାଙ୍କ ଝିଅକୁ ମାରି ଦିଆଯାଇଥିବା ସଦର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ବ୍ୟବଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଥିବା ଜଣାପଡିଛି । ବୋହୂ ରିଙ୍କିର ବାପ ଘର ଲୋକେ ତାଙ୍କ ଘର ପୋଡି ଦେଇଥିବା ନେଇ ଏକ ପାଲଟା ଅଭିଯୋଗ ବାବାଜୀଙ୍କ ପରିବାର ପକ୍ଷରୁ ହୋଇଥିବା ଜଣାପଡିଛି ।

# ବଳଭଦ୍ରପୁର ପଞ୍ଚାୟତରେ ବିଧାୟକ ଧ୍ରୁବ ସାହୁଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡା,୯।୬ :** ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବଳଭଦ୍ରପୁର ପଂଚାୟତରେ ବିଧାୟକ ଧ୍ରୁବ ସାହୁ ଗସ୍ତ କରିଥିଲେ । ଏହି ଗସ୍ତରେ ବିଧାୟକ ଧ୍ରୁବ ଚରଣ ସାହୁ ଡାମରପୁର ପଂଚାୟତର ପୂର୍ବତନ ସରପଂଚ ସୁବାସ ଚନ୍ଦ୍ର ଦାଶ, ବଳଭଦ୍ରପୁର ବିଜେଡି ସଭାପତି ରାମଚନ୍ଦ୍ର ବାଇ ଓ ବଳଭଦ୍ରପୁରର ଯୁବ ନେତା ସୁବ୍ରତ କୁମାର ରାଉଳ,ଅରବିନ୍ଦ ରାଉଳ, କୈଳସ ଚନ୍ଦ୍ର ନାୟକ, ଦେବବ୍ରତ ଓଝା ଓ ଦଳୀୟ କର୍ମୀଙ୍କ ସହିତ ବଳଭଦ୍ରପୁର, ଖର୍ଦ୍ଦା, ବାଲିପାଟଣା ଗ୍ରାମ ବୁଲି ଲୋକମାନଙ୍କର ସୁଖ,ଦୁଖ,ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବିଧାୟକ ଓଡିଶା ସରକାରଙ୍କର ଆମ ଗାଁ ଆମ ବିକାଶର ଯୋଜନାର ସଫଳ ରୂପାୟାନ ଉପରେ ଗୁରୁତ୍ୱାରୋପ କରିଥିଲେ ।



# ଦୁଇଟି ଟ୍ରକ ମୁହାଁମୁହିଁ ଧକ୍କା : ଡ୍ରାଇଭର ଗୁରୁତର

**ରାୟଗଡା,୯/୬(ନିପ୍ର):** ରାୟଗଡା ସଦର ମହକୁମା ୮ କି.ମି ସ୍ଥିତ ନାଇଡୁପେଟା ଗ୍ରାମ ଠାରେ ଗତକାଲି ବିଳମ୍ବିତ ରାତ୍ରରେ ୨ଟି ଟ୍ରକ ମୁହାଁମୁହିଁ ଧକ୍କା ହୋଇଥିଲା । ସୂଚନା ମୁତାବକ ତାମିଲନାଡୁ ରାଜ୍ୟର ପଂଜିକୃତ ଟ୍ରକ ଟିଏନ-୫୨ ପି ୬୧୯୫ ବିଶାଖାପାଟଣା ଠାରୁ ରାୟପୁର ଅଭିମୁଖେ ବାହାରିଥିଲା । ସେହିପରି ଛତିଶଗଡ ପଂଜିକୃତ ଟ୍ରକ ସିଜି ୦୪ଏମଏନ ୦୭୭୦ ବିଶାଖାପାଟଣା ଅଭିମୁଖେ ବାହାରିଥିଲା । ତେବେ ବିଳମ୍ବିତ ରାତିରେ ଉଭୟ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଟିଏନ-୫୨ ପି ୬୧୯୫ ଗାଡିର ଡ୍ରାଇଭର ଗୁରୁତର ଭାବେ ଆହତ ହୋଇଥିଲା । ବିଳମ୍ବିତ ରାତ୍ରରେ ଦୁର୍ଘଟଣା ଘଟି ଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟକ ଯାନ ବାହାନ ଅଟକି ରହିଥିଲା । ଖବର ପାଇ ଚାନ୍ଦିଲି ଥାନା ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ସକାଳ ୮ଟା ବେଳକୁ ଗାଡି ଚଳାଚଳରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ପୋଲିସ କର୍ମଚାରୀ ମାନଙ୍କୁ ଆପ୍ରଣ ଉଦ୍ୟମ କରିବାକୁ ପଡିଥିଲା । ସ୍ଥିତି ସ୍ୱାଭାବିକ ହେବା ସମୟରେ ପୁଣି ଥରେ ରାୟଗଡା – ଜେକେପୁର ମୁଖ୍ୟ ରାସ୍ତା ୨ ଘଂଟା ଧରି ଜାମ ହୋଇଯାଇଥିଲା । ଦୁଇଟି କ୍ରେନ ରାସ୍ତା ପାର ହେଉଥିବା ସମୟରେ ମଝି ରାସ୍ତାରେ ଅଟକି ଯାଇଥିଲେ । ଫଳରେ ପୁଣି ଥରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟକ ଯାନବାହନ ଅଟକି ରହିଥିଲା । ଚାନ୍ଦିଲି ପୋଲିସର ହସ୍ତକ୍ଷେପ ପରେ ଦୀର୍ଘ ୨ ଘଂଟା ପରେ ପୁଣି ଥରେ ରାୟଗଡା – ଜେକେପୁର ମଧ୍ୟରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

# ଢେଙ୍କାନାଳରେ ପୁଣି ରାସ୍ତା ଦୁର୍ଘଟଣା : ୨ ଆହତ

**ଢେଙ୍କାନାଳ,୯।୬(ନି.ପ୍ର):** ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଥାନା ଅଞ୍ଚଳର ଜାତୀୟ ରାଜପଥ ଏବଂ ଅନ୍ୟାନ୍ୟ ସଡକ ପଥରେ ଦୈନନ୍ଦିନ ରାସ୍ତା ଦୁର୍ଘଟଣା ଘଟି ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜନ ଅସନ୍ତୋଷ ଦେଖାଦେଇଥିବା ବେଳେ ପୁଣି ପୃଥକ ରାସ୍ତା ଦୁର୍ଘଟଣା ଘଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି । ଜିଲ୍ଲାର କାମାକ୍ଷାନଗର ଥାନା ଅଧିନ ସାରୁଆଳୀ ଗ୍ରାମର ଅଶ୍ୱିନୀ ବେହେରା (୨୨) ତାଙ୍କ ବାଇକ୍ ଯୋଗେ ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରେଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଦୃତଗାମୀ ବୋଲେରୋ ତାଙ୍କୁ ମହୁଲପାଳ ଛକରେ ଧକ୍କାଦେଇ ପଳାଇଥିଲା । ଦୁର୍ଘଟଣାରେ ଗୁରୁତର ଆହତ ଅଶ୍ୱିନୀଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ । ସେହିଭଳି ପର୍ଜଙ୍ଗ ଥାନା ଅଧିନ ୫୩ ନମ୍ବର ଜାତୀୟ ରାଜପଥର ଖଇରାମୁଣ୍ଡା ଛକ ଠାରେ ମୁଣ୍ଡେଇଲୋ ଗ୍ରାମର ପ୍ରକାଶ ଭୋଇ (୨୫)ଙ୍କୁ ଏକ ଅଜଣା ଗାଡି ଧକ୍କାଦେଇ ପଳାଇଥିଲା । ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଛକ ନିକଟ ପୋଲ ଠାରେ ପଡିଥିବା ପ୍ରକାଶଙ୍କୁ ସ୍ଥାନୀୟ କେତକେ ଲୋକ ଉଦ୍ଧାର କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପର୍ଜଙ୍ଗ ଅଗ୍ନିଶମ କର୍ମଚାରୀମାନେ ପହଁଚି ପର୍ଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ସମୟରେ ତାଙ୍କ ଅବସ୍ଥା ଅନ୍ୟନ୍ତ ଗୁରୁତର ହେବାରୁ କାମକାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରା ଯାଇଥିଲା । ସୂଚନା ଯୋଗ୍ୟ ଯେ ଗତକାଲି ପର୍ଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ନିକଟ ସେହି ରାଜପଥର ପିଟିରି ଠାରେ ହାତୀଲୁଚାଣୀ ଗ୍ରାମର ବାଇକ୍ ଚାଳକ ବିକାଶ ମହାନ୍ତିଙ୍କୁ ଏକ ଦୃତଗାମୀ ଟିପ୍ପର ମୁହାଁମୁହିଁ ଧକ୍କା ଦେବାରୁ ବିକାଶ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପର୍ଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଅନୁରୂପ ଭାବେ ତୁମୁସିଂହା ଥାନା ଗୋଦରବିଲିଠାରେ ଏକ ଟ୍ରକ ସହିତ ଗୋଟିଏ କାର୍ ଧକ୍କା ହେବାରୁ କାରରେ ଥିବା କଙ୍କଡାହାଡ ବ୍ଲକର କନିଷ୍ଠ ଯନ୍ତ୍ରୀ ଶ୍ରୀପତି ନବିନ କୁମାରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପତ୍ନୀ ପ୍ରଶାନ୍ତି ଗୁରୁତର ଆହତ ହୋଇଥିଲେ । ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଥାନା ଏବଂ ଫାଣ୍ଡି ଅଧିନ ଜାତୀୟ ରାଜପଥ ଓ ଅନ୍ୟାନ୍ୟ ସଡକ ପଥରେ ଦୈନନ୍ଦିନ ରାସ୍ତା ଦୁର୍ଘଟଣା ଘଟି ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ ଦୁର୍ଘଟଣାକୁ ରୋକିବାରେ ପୋଲିସ୍, ପ୍ରଶାସନ, ଅବକାରୀ ବିଭାଗ, ପରିବହନ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ତଥା ସଡକ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁ ନ ଥିବା ଯୋଗୁଁ ଦୈନନ୍ଦିନ ଦୂର୍ଘଟଣା ଘଟି କ୍ଷୟକ୍ଷତି ହେଉଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ଜିଲ୍ଲାସ୍ତରୀୟ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ କମିଟି ବୈଠକ

# ପଲିଥିନ ବ୍ୟବହାରକାରୀଙ୍କ ବିରୁଦ୍ଧରେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ : ଜିଲ୍ଲାପାଳ



**କେନ୍ଦ୍ରାପଡା,୯/୬(ନିପ୍ର):** ଜିଲ୍ଲାସ୍ତରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କମିଟି ବୈଠକ ଜିଲ୍ଲାପାଳ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ରାପଡା ଜିଲ୍ଲାକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହିତ ୧୦ ଗୋଟି ପ୍ରାଥମିକ ପଦକ୍ଷେପ ଗ୍ରହଣ କରିବା ଦିଗରେ ନିଷ୍ପତ୍ତି ନିଆଯାଇଛି । ବିଶେଷ ଭାବରେ କେନ୍ଦ୍ରାପଡା ଏବଂ ପଟ୍ଟାମୁଣ୍ଡାଇ ସହରକୁ ପ୍ରଦୂଷଣ ମୁକ୍ତ କରିବା ସହିତ ରାସ୍ତାଘାଟ ପ୍ରସସ୍ଥ କରିବା ବର୍ଜ୍ୟବସ୍ତୁ ଗୁଡିକୁ ଠିକଣା ଭାବେ ପରିଚାଳନା କରିବା, ପୌରାଞ୍ଚଳରେ କ୍ରୀଡା ଭିତ୍ତିଭୂମୀର ବିକାଶ, କେନ୍ଦ୍ରାପଡା କେନାଲ ଓ ଗୋବରୀ ନଦୀର ଉନ୍ନତି କରିବା ସହିତ ଏ ୨ଟିକୁ ପ୍ରଦୂଷଣ ମୁକ୍ତ କରିବା, ସର୍ବୋପରି କେନ୍ଦ୍ରାପଡା ସହରର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ପଲିଥିନ ବ୍ୟବହାରକୁ ସଂପୂର୍ଣ୍ଣ ନିଶେଧ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସହରର ପ୍ରମୁଖ ସ୍ଥାନ ଗୁଡିକୁ ଯିବା ପାଇଁ ରାସ୍ତାରେ ସୂଚନା ଫଳକ ଲଗାଯିବା ସହିତ ବସଷ୍ଟାଣ୍ଡର ଆଧୁନିକ କରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲିପ କୁମାର ପରିଡା, ସିଡିଏମଓ ଡା. ଉର୍ମିଳା ମିଶ୍ର, ଉପଜିଲ୍ଲାପାଳ ସଂଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଆସିଷ୍ଟାଣ୍ଡ କଲେକ୍ଟର(ରାଜସ୍ୱ) ଅଙ୍କିତା ଅନିନ୍ଦିତା ଏବଂ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡର ସାଇଂଟିଫିକ ଅଧିକାରୀଙ୍କ ସହିତ କମିଟି ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ ।

ମହାପୁରୁଷଙ୍କ ଲେଖନୀରୁ ...

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ମୋଦିଙ୍କ ଦୂରଦୃଷ୍ଟି

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏନଡିଏ କ୍ଷମତାକୁ ଆସିବା ପରେ ଏଭଳି ଅନେକ ଆହ୍ୱାନ ସୃଷ୍ଟି ହୋଇଛି ଯାହାର ମୁକାବିଲା କରିବା ମୋଦି ସରକାରଙ୍କ ପାଇଁ ସହଜ ନୁହେଁ। କାରଣ ହେଲା ଗତ ୫ବର୍ଷ ଧରି କେନ୍ଦ୍ରରେ ମୋଦିଙ୍କ ସରକାର ଚାଲୁଥିଲା। ୫ବର୍ଷ ଭିତରେ ଦେଶର ଅଭିବୃଦ୍ଧି ହାର ହେଉ ବା ବେକାରୀ ସମସ୍ୟା ଅଥବା ଚାଷୀ ସମସ୍ୟା ଉତ୍କଟ ହେବା ହେଉ, ଏଥିପାଇଁ ସେ ଅନ୍ୟକୁ ଦୋଷ ଦେଇ ପାରିବେ ନାହିଁ। ଏଥିପାଇଁ ସୁଯୋଗ କମ୍ ରହିଛି। ଏହାକୁ ମୋଦିଜୀ ଭଲଭାବେ ଅନୁଭବ କରିଛନ୍ତି ଏବଂ ଏହାର ମୁକାବିଲା ପାଇଁ ଅ□। ଭିଡ଼ିଛନ୍ତି। ଦେଶର ଅଭିବୃଦ୍ଧି ହାର ବୃଦ୍ଧି କରିବା ସହିତ ବ୍ୟାପକ ନିଯୁକ୍ତି ସୁବିଧା ସୃଷ୍ଟି ଏବଂ ଦକ୍ଷତା ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଗଠନ କରିଛନ୍ତି ଦୁଇଟି ଉଚ୍ଚକ୍ଷମତା ସମ୍ପନ୍ନ କ୍ୟାବିନେଟ୍ କମିଟି। ଅଭିବୃଦ୍ଧି (ଜିଡିପି)ହାର ବୃଦ୍ଧି ଏବଂ ପୁଞ୍ଜି ବିନିଯୋଗ ହାରକୁ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ବୁଧବାର ଦିନ ଏକ ୫ଜଣିଆ କମିଟି ଗଠନ କରିଛନ୍ତି। କମିଟିରେ ଅର୍ଥମନ୍ତ୍ରୀ ନିର୍ମଳ ସୀତାରମଣ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ରେଳବାଇ ମନ୍ତ୍ରୀ ପିୟୁଷ ଗୋଏଲ ଓ ସଡ଼କ ପରିବହନ ତଥା ରାଜପଥ ବିକାଶ ମନ୍ତ୍ରୀ ନୀତିନ ଗଡ଼କରୀ ସଦସ୍ୟ ଅଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ନିଜେ ଏହାର ଅଧ୍ୟକ୍ଷ ରହିଛନ୍ତି। ସେହିପରି ବେକାରୀ ଦୂରୀକରଣ ଏବଂ ଦକ୍ଷତା ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଏକ ୧୦ଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟିରେ ମଧ୍ୟ ଉପରୋକ୍ତ ମନ୍ତ୍ରୀମାନଙ୍କ ସହିତ ଇସ୍ପାତ୍ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ଓ କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର୍, ଦକ୍ଷତା ବିକାଶ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ, ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ହରଦୀପ ସିଂହ ପୁରି ଓ ଶ୍ରମ ରାଷ୍ଟ୍ର (ସ୍ୱାଧୀନ) ମନ୍ତ୍ରୀ ସନ୍ତୋଷ ସିଂହ ଗଙ୍ଗୱାର୍ ସଦସ୍ୟ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ବିଭାଗ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗତ ଆର୍ଥିକ ବର୍ଷର ଶେଷ ତିନିମାସରେ ଦେଶର ଅଭିବୃଦ୍ଧି ହାର(ଜିଡିପି) ୫.୮ ପ୍ରତିଶତକୁ ଖସିଛି। ୨୦୧୩ ପରେ ଏହା ଦେଶର ସର୍ବନିମ୍ନ ଅଭିବୃଦ୍ଧି ହାର। ସେହିପରି ଦେଶର ବେକାରୀ ହାର ଗତ ୪୫ ବର୍ଷ ଭିତରେ ସର୍ବାଧିକ ସ୍ତରକୁ ଯାଇଛି। ଏହା ସରକାରଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ସଦୃଶ ହୋଇଛି ଏବଂ ପରିସ୍ଥିତିରେ ସୁଧାର ଆଣିବାକୁ ସରକାର ଏବେ ପ୍ରୟାସ ଆରମ୍ଭ କରିଛନ୍ତି। ତାଙ୍କର ଏହି ପ୍ରୟାସ କେତେଦୂର ସଫଳ ହେବ ତାହା ଏବେ କୁହାଯାଇପାରିବ ନାହିଁ। କିନ୍ତୁ ବାସ୍ତବ କଥା ହେଲା ଏସବୁ ସମସ୍ୟାର ସମାଧାନ ବା ପରିସ୍ଥିତିରେ ସୁଧାର ଆଣିବାକୁ ଅନେକ ସମୟ ଆବଶ୍ୟକ। କେବଳ ସରକାରଙ୍କ ନୀତିରେ ପରିବର୍ତ୍ତନ ଅଥବା ଉଦ୍ୟମ ଯଥେଷ୍ଟ ନୁହେଁ। ଏଥିପାଇଁ କିଛି ବାହ୍ୟ ପ୍ରଭାବକୁ ମଧ୍ୟ ପ୍ରତିହତ କରିବାକୁ ହେବ। ଆଉ କିଛି ସମସ୍ୟା ରହିଛି ଯାହା ଉପରେ କାହାର ନିୟନ୍ତ୍ରଣ ନାହିଁ। ଉଦାହରଣ ସ୍ୱରୂପ ଏବର୍ଷ ମୌସୁମୀ ଯଦି ସ୍ୱାଭାବିକ ନରହିବ, ତେବେ ଖରିଫ ଫସଲ ଉତ୍ପାଦନ ପ୍ରଭାବିତ ହେବ। ଏହା ଉପରେ ସରକାରଙ୍କର ନିୟନ୍ତ୍ରଣ ନାହିଁ। ସେହିପରି ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି, ଆମେରିକା ଓ ଚୀନ ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ଜନିତ ପରିସ୍ଥିତି ଏବଂ ମଧ୍ୟ ଏସିଆରେ ରାଜନୈତିକ ଅନିଶ୍ଚିତତା କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱର ଅର୍ଥନୀତିକୁ ପ୍ରଭାବିତ କରିପାରେ। ଏହା ଉପରେ ଭାରତ ସରକାରଙ୍କର ନିୟନ୍ତ୍ରଣ ନାହିଁ। ତେବେ ଏଭଳି ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ, ଏହାର ପ୍ରଭାବକୁ ହ୍ରାସ କରିବା ପାଇଁ ସରକାର ଆଗୁଆ ପଦକ୍ଷେପ ନେଇପାରିବେ ଏବଂ ଭାରତୀୟ ଅର୍ଥନୀତି ଉପରେ ଯେପରି ଏହାର ପ୍ରଭାବ ସର୍ବନିମ୍ନ ହୋଇପାରିବ, ସେଥିପ୍ରତି ଯତ୍ନବାନ୍ ହେବା ଉଚିତ। ରାଷ୍ଟ୍ରବାଦ ଉପରେ ଏଥର ଜନସାଧାରଣ ମୋଦିଙ୍କୁ ସମର୍ଥନ କରି ପୁନର୍ବାର ବିଜୟୀ କରାଇଲେ। କିନ୍ତୁ ସବୁ ବେଳେ ଏହା କାମ ଦେବନି। ବିକାଶ, ଦାରିଦ୍ର୍ୟ ଦୂରୀକରଣ ଏବଂ ଲୋକଙ୍କ ମୌଳିକ ସୁବିଧା ସୁଯୋଗ ପ୍ରଦାନ ପ୍ରତି ସରକାର ଦୃଷ୍ଟି ନଦେଲେ ଲୋକେ ପୁଣି ସରକାରଙ୍କୁ ଅଳିଆ ଗଦାକୁ ଫିଙ୍ଗିଦେବା ଅସମ୍ଭବ ନୁହେଁ।

# ଶ୍ରୀ ସତ୍ୟସାଇ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର

ଶ୍ରୀ ସତ୍ୟସାଇ ସେବା ସମିତି କଟକ ଆନୁକୂଲ୍ୟରେ ବାଦାମବାଡ଼ି ସାଇକେନ୍ଦ୍ର ଠାରେ ପାଞ୍ଚଦିନ ବ୍ୟାପୀ ବାଳବିକାଶ ଛାତ୍ରଛାତ୍ରୀଙ୍କ ପାଇଁ ମାନବୀୟ ମୂଲ୍ୟବୋଧ ଭିତ୍ତିକ ଆଧାତ୍ମିକ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ଜିଲ୍ଲା ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସମିତିର ଆବାହକ ପ୍ରକାଶ ଚନ୍ଦ୍ର ନାୟକ ଓ ରାଜ୍ୟ ବାଳବିକାଶ କୋଡିନେସନ କମିଟିର ସଭ୍ୟ ହରଷ ବିହାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ସଂଯୋଜିକା ଡକ୍ଟର ବିଷ୍ଣୁପ୍ରିୟା ଭୂୟାଁ, ସମିତି ଶିକ୍ଷା ସଂଯୋଜିକା ଡକ୍ଟର ଶିବାନୀ, ରାଜ୍ୟ ବାଳବିକାଶ କମିଟିର ସଭ୍ୟା ପ୍ରଭା ରାୟ, ସୁଲେଖିକା ପୁଷ୍ପଲତା ଦାସ, ଆଦିତ୍ୟ ନାୟକ, ଅନୁପମା ନାୟକ, ଭଜନ ପ୍ରଶିକ୍ଷକ ସଞ୍ଜୀବ ନନ୍ଦ, ପ୍ରଦୀପ୍ତ ମହାରଣା ପ୍ରମୁଖ ନୈତିକ ମୂଲ୍ୟବୋଧଭିତ୍ତିକ ଶ୍ରୀସତ୍ୟସାଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଆଧାତ୍ମିକ ସଂଯୋଜକ ବସନ୍ତ କୁମାର ହାତୀ, ଦକ୍ଷିଣାଞ୍ଚଳ ସଂଯୋଜକ ସଞ୍ଜୀବ ଜେନା, ବିଚିତ୍ରାନନ୍ଦ ଦାଶ ଓ ସାଇ ଆଶ୍ରିତ ଭାଇଭଉଣୀମାନେ ପରିଚାଳନା କରିଥିବାବେଳେ କଟକ ସହରର ୨୮ଟି ବାଳବିକାଶ କେନ୍ଦ୍ରର ଛାତ୍ରଛାତ୍ରୀମାନେ ଏଥିରେ ଯୋଗଦାନ କରିଥିଲେ। ଏହି ଅବସରରେ ସମିତିର ପୂର୍ବତନ ଆବାହକ ହରଷ ବିହାରୀ ଦାସଙ୍କ ସ୍ୱନକ୍ଷତ୍ର ଦିବସ ନିମିତ୍ତ ପିଲାମାନଙ୍କୁ ମିଷ୍ଟାନ୍ନ ପ୍ରଦାନ କରାଯାଇଥିଲା।

# ଇଡି କାର୍ଯ୍ୟଦକ୍ଷତା ଓ ରାଜନେତାଙ୍କ କଳାଟଙ୍କା

- ସତୀଶ ବିଶ୍ୱାଳ -

ଚଳିତ ବର୍ଷ ଅପ୍ରେଲ ୧ ତାରିଖରେ ପ୍ରକାଶିତ ଗୋଟିଏ ଖବର ଆଖିକୁ ଦେଖିବାକୁ ଓ କାନକୁ ଶୁଣିବାକୁ ବେଶ ଭଲ ଲାଗିଲା। 'ଓଡିଶା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ରେକର୍ଡ: ବର୍ଷକରେ ୧୧୦ କୋଟିର ସମ୍ପତ୍ତି ବାଜ୍ୟାପ୍ତ ପ୍ରକିୟା' ଶୀର୍ଷକରେ ଖବରଟି ପ୍ରକାଶ ପାଇଥିଲା। ଆମ ଦେଶର ବିକାଶ କ୍ଷେତ୍ରରେ କଳାଟଙ୍କା ଓ ଦୁର୍ନିତି ସୁବୁଠାରୁ ବଡ ବିପଦ ବୋଲି ସମସ୍ତେ ଜାଣନ୍ତି। ଏହି କାରଣରୁ ଦୁର୍ନିତି ଓ କଳାଟଙ୍କା ବିରୋଧରେ ଦେଶର ସରକାର ମଧ ଅନେକ ସମୟରେ କଠୋର ହୋଇଛନ୍ତି।

ପ୍ରକାଶିତ ଖବର ଅନୁସାରେ ୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ପୂର୍ବାଞ୍ଚଳର ଭୁବନେଶ୍ୱରରେ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇ.ଡି) କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ମାମଲାରେ ୩୦ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ ପ୍ରକିୟା ଆରମ୍ଭ କରାଯିବାର ଲକ୍ଷ ରଖାଯାଇ ଥିବା ବେଳେ ଆର୍ଥିକ ବର୍ଷ ସୁଦ୍ଧା ୧୧୦ କୋଟି ଟଙ୍କାରେ ପହଞ୍ଚି ଥିବାର ଜଣାପଡିଛି। ରାଜ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଏହା ପ୍ରାୟ ୪୦୦ ପ୍ରତିଶତ ଅଧିକ ସମ୍ପତ୍ତି ବାଜ୍ୟାପ୍ତ ପ୍ରକିୟା ଏବଂ ପୂର୍ବ ଭାରତରେ ଏହା ଏକ ରେକର୍ଡ। ଫଳରେ ଓଡିଶା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦେଶରେ ଏକ ଉତ୍ତମ ଶାଖା ଭାବେ ଗୌରବ ଅର୍ଜନ କରିଛି। ଗତ ଆର୍ଥିକ ବର୍ଷର ମାର୍ଚ୍ଚ ୩୦ ତାରିଖ ସୁଦ୍ଧା ୯୧ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ବାଜ୍ୟାପ୍ତ ଲାଗି ଇଡି ପକ୍ଷରୁ ନୂଆଦିଲ୍ଲୀସ୍ଥିତ ନ୍ୟାୟିକ ମିମାଂଶା (ଆଡଜୁଡିକେଟିଂ) କର୍ତ୍ତୃପକ୍ଷଙ୍କ ନିକଟରେ ନିବେଦେନ କରାଯାଇଛି। ଏଥିରେ ମାଇକ୍ରୋଫାଇନନାନ୍ସ ସମେତ କେତେକ ଚିଟଫଣ୍ଡ ସମ୍ପତ୍ତି ଥିବା ବେଳେ ବଲାଙ୍ଗିର ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟର ପୂର୍ବତନ କୋଷାଧକ୍ଷ ଡକ୍ଟର ସାହୁ ଏବଂ ହିସାବ ରକ୍ଷକ ଜେଟୁ ସାହୁଙ୍କ ୨.୨୧ କୋଟି ଟଙ୍କାର ସମ୍ପତ୍ତି ରହିଛି।

ସମୁଦାୟ ସମ୍ପତ୍ତି ବାଜ୍ୟାପ୍ତି ତାଲିକାକୁ ଦେଖିଲେ ଏଥିରେ ଇ.ଡିର ସେଭଳି କୌଣସି କାର୍ଯ୍ୟ ଦକ୍ଷତାର ସଂକେତ ମିଳୁନାହିଁ। ମାଇକ୍ରୋଫାଇନାନ୍ସ ରାଜ୍ୟର ଲକ୍ଷ ଲକ୍ଷ ଜମାକାରୀଙ୍କ ଠାରୁ ୫୦୦ କୋଟି ଟଙ୍କାରୁ ଅଧିକ ଠକେଇ କରିଥିବା ବେଳେ ଏହି କମ୍ପାନୀର ମାତ୍ର ୮୮.୯୯ କୋଟି ଟଙ୍କାର ବ୍ୟାଙ୍କ ଜମାକୁ ବାଜ୍ୟାପ୍ତି କରାଯାଇଛି। ସୁପ୍ରୀମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୧୪ ରେ ସିବିଆଇ ଓଡିଶା ଓ ପଶ୍ଚିମବଙ୍ଗର ୪୪ ଟି ଚିଟଫଣ୍ଡ କମ୍ପାନୀଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚିଟଫଣ୍ଡ କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତି ପ୍ରସଙ୍ଗରେ ସମସ୍ତ ଶ୍ରେୟ ତ ସୁପ୍ରୀମକୋର୍ଟରେ ଚିଟଫଣ୍ଡ ନେଇ ଅଭିଯୋଗ କରିଥିବା ଅଭିଯୋଗକାରୀ, ସୁପ୍ରିମକୋର୍ଟକୁ ଯିବା ସ୍ୱାଭାବିକ। ଏଥିରେ ଇଡି ଅଧିକ ଆତ୍ମସନ୍ତୋଷ ଲାଭ କରିବାର କୌଣସି ଯୁକ୍ତି ନାହିଁ।



କାମ କରିବାର ଇଚ୍ଛାଶକ୍ତି ଥିଲେ ଜଣେ ସାଧାରଣ ମଣିଷ ଯାହା କରିପାରେ ଦେଶରେ ପ୍ରଯ୍ୟାପ୍ତ କ୍ଷମତାର ଅଧିକାରୀ ମଧ ତାହା କରିପାରନ୍ତି ନାହିଁ। ଦୁର୍ନିତି ଓ ଭ୍ରଷ୍ଟାଚାର ପ୍ରସଙ୍ଗରେ ମଧ ସାଧାରଣ ଲୋକଟିଏ ଇଚ୍ଛାଶକ୍ତି ବଳରେ ଭ୍ରଷ୍ଟାଚାର ବିରୋଧରେ ଯେତିକି କରିପାରେ ଅନେକ କ୍ଷେତ୍ରରେ ଏହାକୁ ରୋକିବା ଦାୟୀତ୍ୱରେ ଥିବା ଅଧିକାରୀଟିଏ ଏଇଥିପାଇଁ ଦରମା ଠାରୁ ଯାବତୀୟ ସୁବିଧା ରାଷ୍ଟ୍ରରୁ ନେବାପରେ ବି ତାହା କରିପାରେ ନାହିଁ। ଏହାର କାରଣ ହେଉଛି ଅଧିକାରୀଙ୍କର ରାଷ୍ଟ୍ର ଏବଂ ନିଜର କର୍ତ୍ତବ୍ୟ ପ୍ରତି ଅଙ୍ଗୀକାରବଦ୍ଧତାର ଅଭାବ। ହେଲେ ଏହା ସ୍ୱୀକାର କରିବାକୁ ପଡିବ ଯେ, ନିଜର ଦାୟୀତ୍ୱ ଓ କର୍ତ୍ତବ୍ୟକୁ ନିଷ୍ଠାର ସହ ପାଳନ କରିଥିବା ବ୍ୟକ୍ତି ନିଜ ପରିସରରେ ଗ୍ରହଣୀୟ ଓ ସ୍ମରଣୀୟ ହୋଇ ରହିଛି। ପ୍ରାକ୍ତନ ନିର୍ବାଚନ କମିଶନ ଟି.ଏନ.ଶେଷାନ ଏ କ୍ଷେତ୍ରରେ ଅନେକ ଦୃଷ୍ଟାନ୍ତ ଭିତରୁ ଜଣେ।

ଟ୍ରାନ୍ସଫରେନ୍ସି ଇ□ରନେସନାଲ ସଂସ୍ଥାର ଅଧ୍ୟୟନ ଅନୁସାରେ ଭାରତରେ ଦୁର୍ନିତିଖୋର ଗୋଷ୍ଠୀ ମଧରେ ରାଜନେତାମାନେ ପ୍ରଥମ ଧାଡିରେ ଓ ପୁଲିସ ଦ୍ୱିତୀୟ ଧାଡିରେ। ଦୁର୍ନିତିର ତାଲିକାରେ ଯଦିଓ ଖଣି ମାଫିଆ, ଠିକାଦାର ଓ ରକ୍ଷକ ହୋଇ ଭକ୍ଷକ ସାଜି ଦୁର୍ନିତିକୁ ସୁରକ୍ଷା ଦେଉଥିବା ପ୍ରଶାସକ ମାନେ ବହୁତ ଆଗରେ ରହିଛନ୍ତି। ତେବେ ଅଣ୍ଡା ଆଗେ କି କୁକୁଡା ଆଗେ ଏହା, ଆଉ ଏକ ଅସମାହିତ ପ୍ରଶ୍ନ ନହେଉ। ଏହା ନିଶ୍ଚିନ୍ତ ଯେ ରାଜନେତା ମାନେ ନିଜର କ୍ଷମତାର ଅପବ୍ୟବହାର କରିବା, ରାଷ୍ଟ୍ର ତଥା ସାଧାରଣ ଜନତାର ସ୍ୱାର୍ଥକୁ ଗୁରୁତ୍ୱ ପାଇଁ ନିଜର କର୍ତ୍ତବ୍ୟ ନକଲେ ପ୍ରଶାସକ, ଠିକାଦାର ତଥା ମାଫିଆମାନେ ଅଧିକ କଳାଟଙ୍କା ଅର୍ଜନ କରିବାର ସୁଯୋଗ ପାଇଥାନ୍ତି। ମୋଟ ଉପରେ କହିବାକୁ ଗଲେ ଆୟ ବହିର୍ଭୁତ ସମ୍ପତ୍ତିକୁ ବାଜ୍ୟାପ୍ତି କରୁଥିବା ଇଡି ଭ୍ରଷ୍ଟାଚାରୀ ରାଜନେତାଙ୍କ କ୍ଷେତ୍ରରେ ଦୁର୍ବଳ ହୋଇଛି।

ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରୀମକୋର୍ଟ ମଧ ବିଧାୟକ ଓ ସାଂସଦଙ୍କ ଅଯୌକ୍ତିକ ଢଙ୍ଗରେ ସମ୍ପତ୍ତି ବୃଦ୍ଧି ନେଇ ବାରମ୍ବାର ହସ୍ତକ୍ଷେପ କରି ଗଣତନ୍ତ୍ରକୁ ସୁସ୍ଥ ଓ ସଦୃଢ ରଖିବା ପାଇଁ ଉଦ୍ୟମ କରିଛନ୍ତି। ୨୦୧୮ ଫେବୃଆରୀରେ ସୁପ୍ରିମକୋର୍ଟ ନିର୍ବାଚିତ ନେତା ମାନଙ୍କ ଅଯୌକ୍ତିକ ସମ୍ପତ୍ତି ବୃଦ୍ଧି ସମ୍ପର୍କରେ ତଦାରଖ କରିବା ପାଇଁ ଏକ ସ୍ଥାୟୀ ଆନୁଷ୍ଠାନିକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ଯେଉଁ ଆଦେଶ ଦେଇଥିଲେ ତାହା ଏଯାଏଁ କାହିଁକି ହୋଇନାହିଁ ବୋଲି ଦୁଇ ସପ୍ତାହ ଭିତରେ କୈଫୟତ ଦେବାକୁ କୋର୍ଟ ସରକାରଙ୍କୁ ନିର୍ବାଚନ ମାସକ ପୂର୍ବରୁ ନିର୍ଦ୍ଦେଶ ମଧ ଦେଇଥିଲେ। ଏଥିରୁ ଏହି ପ୍ରସଙ୍ଗ ନେଇ ସୁପ୍ରୀମକୋର୍ଟଙ୍କ ବ୍ୟଗ୍ରତା ବୁଝାପଡୁଛି।

ଆମ ରାଜ୍ୟରେ କେତେଜଣ ବିଧାୟକ ଏବଂ ସାଂସଦ କିମ୍ବା ପୂର୍ବତନ ଜନପ୍ରତିନିଧି କୋଟିପତି ଏବଂ ସେମାନଙ୍କ ସମ୍ପତ୍ତି କେତେ ଧଳା କିମ୍ବା କଳା ତାହା କାହାକୁ ଅଛପା ନାହିଁ। ଯାଜପୁର ଜିଲ୍ଲାର ଜଣେ ବିଧାୟକଙ୍କୁ ଡି ବ୍ରଦର୍ସ ଲିଙ୍କ ପ୍ରସଙ୍ଗରେ ଇଡିଙ୍କ ଜେରା ପରେ ବି ପୁଣି ଇଡି ଚୁପ ହୋଇଗଲେ। ଏଭଳି ନେତା ମାନଙ୍କର ନିଜର ସମ୍ପର୍କିୟଙ୍କ ନାମରେ ବହୁକୋଟି ଟଙ୍କାର ଅଯୌକ୍ତିକ ସମ୍ପତ୍ତି ନେଇ ମଧ ଇଡିଙ୍କ ପାଖରେ ଖବର ରହିଛି। ବିଧାୟକଙ୍କ ପରି ସାମ୍ବାଧାନିକ ଗୁରୁତ୍ୱ ଥିବା ପଦବୀର ବ୍ୟକ୍ତିଙ୍କୁ ଜେରା ପୂର୍ବରୁ ଇଡି ଠୋସ ପ୍ରମାଣ ନଥାଇ ଜେରାକୁ ଡାକିବା ବି ସମ୍ଭବ ନୁହେଁ। ଯଦି ଠୋସ ପ୍ରମାଣ ନଥାଇ ଡାକିଥାନ୍ତି, ତେବେ ଏହା ଇଡିର ଏହା ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟ। ଯଦି ନୁହେଁ ତେବେ ଏତେ ଉତ୍ସାହିତ ହୋଇଥିବା ଇଡି ଏ କ୍ଷେତ୍ରରେ ନୀରବତା ନେଇ ପ୍ରଶ୍ନବାଚୀ ଉଠିବ ନା ନାହିଁ ? କଳାଟଙ୍କାର କୁବେର ସାଜିଥିବା ଶତାଧିକ ବଡ ଚୋରମାନେ ଏବେ ବି ନିଜକୁ ମହାନ ରାଜନେତା ବୋଲାଇ ରାଷ୍ଟ୍ରକୁ ନୀତି ଲୁଟି ଚାଲିଛନ୍ତି। ଏହିଭଳି ଦୁର୍ନିତିର ଅନେକ ମହାଧୁମକୁ ଉପାରି ଫିଙ୍ଗିବା ପାଇଁ ସେମାନଙ୍କ ଅଯୌକ୍ତିକ ସମ୍ପତ୍ତି ନେଇ ଇଡି ନିର୍ଭୀକ ଓ ନୀରପେକ୍ଷ ହେଲେ ଭାରତ ପରି ମହାନ ରାଷ୍ଟ୍ର ପାଇଁ ମଙ୍ଗଳମୟ ହେବ।

*ଭୁବନପୁର, ଗଡମଧୁପୁର*

# ଏଥର ଦୁର୍ନୀତିଗ୍ରସ୍ତଙ୍କୁ ଅଟକାଇବ ଲୋକାୟୁକ୍ତ ଆଇନ୍ !

ଶରତ କୁମାର ରାଉତ

ନିଜକୁ ସାଧୁ, ପବିତ୍ର ଓ ବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ନାଗରିକ କହୁଥିବା ଭାରତୀୟ ମାନେ ଯେ ପୃଥିବୀର ଅନ୍ୟାନ୍ୟ ଦେଶ ଠାରୁ ଦୁର୍ନୀତି ଓ ଠକେଇ କରିବାରେ ସିଦ୍ଧହସ୍ତ ଓ ପାରଙ୍ଗମ, ଏହା ସର୍ବ ବିଦିତ ହୋଇ ଯାଇଛି। ସମସ୍ତେ ଅସାଧୁ ଉପାୟରେ ନିଜ ସ୍ୱାର୍ଥ ହାସଲ ପାଇଁ ଲାଗି ପଡ଼ିଛନ୍ତି। ରାଜନୈତିକ ନେତା ଓ ଅଧିକାରୀ ନିଜ ଦାୟୀତ୍ୱ ଓ କର୍ତବ୍ୟ ପ୍ରତି ସଚେତନ ରହିବାକୁ ଆଗ୍ରହୀ ହେଉ ନାହାନ୍ତି। ଆଇନ ଓ ସମ୍ବିଧାନକୁ ମାନିବାକୁ କେହି ପ୍ରସ୍ତୁତ ନୁହନ୍ତି। ଏଇ ଅବସ୍ଥାରେ ଦେଶ ଏକ ଅନ୍ଧକାର ଭବିଷ୍ୟତ ଆଡ଼କୁ ଠେଲି ହୋଇ ଯାଉଥିବା ବେଳେ ଜନ ଲୋକପାଳ ବିଲ୍ ଗୃହୀତ ପାଇଁ ସମାଜସେବୀ ଆନ୍ନା ହଜାରେ ଯଥାସାଧ୍ୟ ଉଦ୍ୟମ କରିଛନ୍ତି। ଏଥିପାଇଁ ସେ ବିଭିନ୍ନ ସମୟରେ ଅନଶନ କରିଛନ୍ତି। ଶେଷରେ ୨୦୧୩ ଡ଼ିସେମ୍ବରରେ ପାର୍ଲିଆମେଂଟରେ ବହୁ ପ୍ରତିକ୍ଷୀତ ଲୋକାୟୁକ୍ତ ବିଲ୍ ମଞ୍ଜୁରୀ ଲାଭ କରିଥିଲା। ଆଉ ହତାଶ ଭାରତୀୟ ଯୁବ ପିଢିର ଅନ୍ୟ ଏକ ସ୍ୱାଧିନତାର ସ୍ୱପ୍ନ ସାକାର ହୋଇଥିଲା। ଭାରତ ପାଇଁ ଏହି ବିଲ୍‌ର ଅତ୍ୟନ୍ତ ଆବଶ୍ୟକତା ରହିଛି। ଏହି ଆଇନ କାର୍ଯ୍ୟକାରୀ ହେଲେ, ହୁଏତ ସାଧାରଣ ପ୍ରଜାଙ୍କ ହାତକୁ ଯଥେଷ୍ଟ କ୍ଷମତା ଆସିଯିବ।

ଆନ୍ନାଙ୍କର ପ୍ରମୁଖ ଦାବୀ ଗୁଡ଼ିକ ମଧ୍ୟରେ ଲୋକପାଳଙ୍କୁ ପୂର୍ଣ କ୍ଷମତା ଓ ସ୍ୱାଧିନତା, ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ସମ୍ପର୍କରେ ନିଜ ଆଡୁ ତଦନ୍ତ ପାଇଁ ଲୋକପାଳଙ୍କୁ କ୍ଷମତା, ଆର୍‌ଟିଆଇ ମାଧ୍ୟମରେ ଦୁର୍ନୀତି ଧରା ପଡ଼ିଲେ, ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆଦି ଉଲ୍ଲେଖ ଯୋଗ୍ୟ। ବହୁ ପୂର୍ବରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଲୋକପାଳ ସଂସ୍ଥା ଗଠିତ ହୋଇଥିଲେ ହେଁ ପୂର୍ଣ କ୍ଷମତା ଓ ସ୍ୱାଧିନତା ନ ଥିବାରୁ ଲୋକପାଳଙ୍କ ରାୟକୁ ସରକାର ମାନୁନଥିବା ପ୍ରମାଣିତ ହୋଇ ସାରିଛି। ଏପରିକି ନିଜର କ୍ଷମତା ନଥିବାରୁ ଅଭିଯୁକ୍ତ ସରକାରୀ ବ୍ୟକ୍ତିଙ୍କ ବିରୁଦ୍ଧରେ ତଦନ୍ତ ପାଇଁ ସମ୍ପୃକ୍ତ ବିଭାଗକୁ ଦାୟୀତ୍ୱ ଦିଆ ଯାଉଛି। ଯଦ୍ୱାରା ଦୋଷୀ ଦଣ୍ଡ ବିଧାନରୁ ଖସି ଯାଉଛନ୍ତି ଓ ଲୋକପାଳ ସଂସ୍ଥାର ଗୁରୁତ୍ୱ ରହୁନାହିଁ। ସୁସ୍ଥ ସାମାଜିକ ପରିବେଶ, ସ୍ୱଚ୍ଛ-ନିର୍ମଳ ଶାସନ ବ୍ୟବସ୍ଥା ଓ ସାଧାରଣ ପ୍ରଜାଙ୍କ କଲ୍ୟାଣ ଲୋକପାଳ ସଂସ୍ଥା ଗଠନର ମୂଳ ଲକ୍ଷ୍ୟ। ମାତ୍ର ଶାସନ ବ୍ୟବସ୍ଥାରେ କୌଣସି ସଂସ୍କାର ଆସି ପାରୁନି, ନେତା ଓ ଅଧିକାରୀଙ୍କ ଦ୍ୱାରା କୋଟି କୋଟି ଟଙ୍କା ବାଟମାରଣା ହେଉଛି, ସରକାରୀ କାର୍ଯ୍ୟରେ ଅନିୟମିତତା ବଢି ଚାଲିଛି। ସାଧାରଣ ଲୋକଙ୍କୁ ହଇରାଣ କରାଯାଉଛି। ଏଇ ପରିସ୍ଥିତିରେ ଉକ୍ତ ଆଇନ କାର୍ଯ୍ୟକାରୀ ଦ୍ୱାରା ପ୍ରାୟତଃ ଦୁର୍ନୀତି, ଅନିୟମିତତା ଓ ବେଆଇନ କାର୍ଯ୍ୟ କରିବାକୁ ସମସ୍ତେ ଭୟ କରିବେ। ସେହିପରି ଉପରୋକ୍ତ ଲକ୍ଷ୍ୟ ନେଇ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହୋଇଥିଲା। ଏହି ଆଇନ ବଳରେ ଭ୍ରଷ୍ଟାଚାର ଧରା ପଡୁଥିଲେ ହେଁ ସର୍ବୋଚ୍ଚ ଅଧିକାରୀ ମାନେ ଦୋଷୀମାନଙ୍କୁ ଘଂଟ ଘୋଡ଼ାଉଛନ୍ତି। ସରକାରୀ ବ୍ୟକ୍ତିଟି ଭ୍ରଷ୍ଟାଚାର ଭଳି କୌଣସି ତୃଟି କରିଥିବା ସମ୍ପର୍କୀତ ସୂଚନା ସାଧାରଣ ପ୍ରଜାଙ୍କୁ ବିଭାଗ ଦ୍ୱାରା ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏହି ଆଇନର ମୂଳ ଲକ୍ଷ୍ୟ। ମାତ୍ର ଏହାର କୌଣସି ପ୍ରଭାବ ଅଧିକାରୀଙ୍କ ଉପରେ ପଡୁ ନାହିଁ। ଏହି ଆଇନକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ମଧ୍ୟ ଆନ୍ନାଙ୍କର ଦାବୀ ରହିଥିଲା।

ଆମ ଦେଶରେ ଲକ୍ଷ ଲକ୍ଷ ଲୋକେ ଦିନରେ ଠିକ୍ ଭାବେ ବକ୍ତେ ଖାଇବାକୁ ପାଉ ନାହାଁନ୍ତି। କାମଧନ୍ଦା ଅଭାବରୁ ଖଟିଖିଆମାନେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ଯଦିଓ ଗରିବ ମଣିଷର ପେଟର ଦାନାକୁ ଲୁଟ୍ କରି ନେତା ଓ ଅଧିକାରୀ ମାନେ ନିଜ ପକେଟ ଗରମ କରିବେ, ତେବେ କ'ଣ କୁହାଯିବ ଆମ ଶାସନ ବ୍ୟବସ୍ଥାକୁ ? ମିଥ୍ୟା ସୂଚନା, ମିଥ୍ୟା ମନ୍ତବ୍ୟ, ମିଥ୍ୟା ପ୍ରଚାର ଭଳି ବହୁ ଆପତି ଜନକ ଘଟଣା ଲୋକପ୍ରତିନିଧି ଓ ଅଧିକାରୀଙ୍କର ଅଭ୍ୟାସରେ ପରିଣତ



ହୋଇ ଯାଇଛି। ଭ୍ରଷ୍ଟାଚାର, ଦୁର୍ନୀତି ଅମାନବୀୟତା ନୁହେଁ ? ସରକାରଙ୍କ ଦୁର୍ନୀତି ତାଲିକା କ୍ରମେ ଲମ୍ବି ଲମ୍ବି ଚାଲିଛି। ସବୁ ଯୋଜନା ଓ ବିଭାଗରେ ଦୁର୍ନୀତି ତାର ପ୍ରକାଣ୍ଡ କାୟା ବିସ୍ତାର କରିଛି। ଏପରିକି ସ୍ୱୟଂ ମନ୍ତ୍ରୀ ଓ ଅଧିକାରୀ ମଧ୍ୟ ଲାଂଚ-ମିଛ ଭଳି ଅତି ଘୃଣ୍ୟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ଟିକିଟିକି କାମରେ ଲାଂଚ ଖାଇ ଭୁଲ୍ କରୁଥିବା ବଡ଼ ଅଫିସରଙ୍କ ଦ୍ୱାରା ସାଧାରଣ ଲୋକେ କେତେ ସରକାରୀ ସେବା ପାଉଥିବେ, ତାହା ଅନୁସନ୍ଧାନ ସାପେକ୍ଷ। ମାତ୍ର ଏଭଳି ବେଇମାନ ରାଜନେତା ଓ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ଲୋକଙ୍କ ହାତରେ କିଛି କ୍ଷମତା ନାହିଁ। ଏହା ଅତି ଦୁର୍ଭାଗ୍ୟର କଥା।

ତେବେ ଏହି ବହୁ ଅପେକ୍ଷିତ ଲୋକପାଳ ବିଲ୍ ସଂସଦରେ ଗୃହୀତ ହେବା ପରେ ୨୦୧୪ଫେବୃୟାରୀ୧୪ରେ "ଓଡ଼ିଶା ଲୋକାୟୁକ୍ତ ବିଲ୍-୨୦୧୪" ଓଡ଼ିଶା ବିଧାନସଭାରେ ଗୃହୀତ ହେଲା ଓ ଏହା ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ୨୦୧୫ ଜାନୁୟାରୀ ୧୬ ତାରିଖରେ ମଞ୍ଜୁରୀ ଲାଭ କଲା। ବସ୍ତୁତଃ ଏହା ଆଇନରେ ପରିଣତ ହେବା ସହ କାର୍ଯ୍ୟକାରୀ ହୋଇଛି। ରାଜ୍ୟ ସରକାର ବିଧାନସଭାରେ ଲୋକାୟୁକ୍ତ ଆଇନ ଗୃହୀତ କରାଇ ଲୋକାୟୁକ୍ତ ଆଇନକୁ କାର୍ଯ୍ୟକାରୀ କରାଇବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ବୋଲି ସେତେବେଳେ ଡ଼ିଣ୍ଡିମ ପିଟିଥିଲେ। ହେଲେ ବାସ୍ତବ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିବାକୁ ଆଗ୍ରହ ପ୍ରକାଶ କରି ନଥିଲେ ସରକାର। ଲୋକାୟୁକ୍ତ ଗଠନ କରିବାରେ ସରକାରଙ୍କ ଅନାଗ୍ରହକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏଥିନେଇ ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଜୋରଦାର ହଙ୍ଗାମା ହୋଇଛି। ଏହି ଆଇନ କାର୍ଯ୍ୟକାରୀ ହେଲେ ନିଜେ ସରକାର ଏଥିରେ ଛନ୍ଦି ହୋଇଯିବେ, ଏହି ଡ଼ର ବୋଧେ ଧରିଥିଲା ରାଜ୍ୟ ସରକାରଙ୍କୁ। ହୁଏତ ରାଜ୍ୟରେ ବହୁଚର୍ଚ୍ଚିତ ଦୁର୍ନୀତି, ଠକେଇ ଓ ଅନିୟମିତତା ଆଦି କେଲେଙ୍କାରୀ ଧରା ପଡ଼ିଯିବା ଆଶଙ୍କାରେ ଲୋକାୟୁକ୍ତ ଗଠନର ଫାଇଲ୍ କୁ ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ଚାପି ରଖିଥିଲେ ସରକାର। ସରକାର ଯେ ଏହି ଆଇନକୁ ଡ଼ରୁଥିଲେ,ଏଥିରେ ସନ୍ଦେହ ନାହିଁ। ଏହାର କାରଣକୁ ନେଇ ମଧ୍ୟ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ୨୦୧୩ ଜାନୁୟାରୀ ୨୨ ତାରିଖରୁ ଖାଲି ପଡ଼ିଥିଲା ଲୋକପାଳ ପଦବୀ। ହଜାର ହଜାର ସମ୍ବେଦନଶୀଳ ମାମଲା ବିଚାର ପାଇଁ ପଡ଼ି ରହିଛି। ଏଥିନେଇ ଓଡ଼ିଶା ହାଇକୋର୍ଟ ରେ ଲୋକପାଳ ପଦବୀ ପୂରଣ ସଂପର୍କୀୟ ଜନସ୍ୱାର୍ଥ ମାମଲା ତଥା ସାଧାରଣ ଅଭିଯୋଗ ତୀବ୍ର ହୋଇଥିଲା। ଫଳତଃ ଗତ ୨୦୧୯ ମାର୍ଚ୍ଚ ୩ ତାରିଖରେ ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଓଡ଼ିଶାର ପ୍ରଥମ ଲୋକପାଳ ଭାବେ ଗୌହାଟୀ ହାଇକୋର୍ଟ ର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଅଜିତ ସିଂହଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ଜଷ୍ଟିସ ସିଂହ ୨୦୧୯ ମାର୍ଚ୍ଚ ୨୦ ତାରିଖରେ କାର୍ଯ୍ୟରେ ଯୋଗ ଦେଇଥିଲେ। ତେବେ ଲୋକାୟୁକ୍ତ ଜଷ୍ଟିସ ସିଂହଙ୍କ ଅଧୀନରେ ଉଭୟ ବିଚାର ବିଭାଗୀୟ ଓ ଅଣ-ବିଚାର ବିଭାଗୀୟ ୫ ଜଣ ସଦସ୍ୟ ମଧ୍ୟ ନିଯୁକ୍ତି ପାଇଛନ୍ତି। ସୂଚନାଯୋଗ୍ୟ ଯେ, ସମସ୍ତ ସରକାରୀ କାର୍ଯ୍ୟାଳୟ ସମେତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଆରମ୍ଭ କରି ପଂଚାୟତ ସରପଂଚ ଓ ସରକାରୀ ସହାୟତାରେ ପରିଚାଳିତ ବିଭିନ୍ନ ଉଦ୍ୟୋଗ ଅଧ୍ୟକ୍ଷ ପର୍ଯ୍ୟନ୍ତ ସମସ୍ତେ ଲୋକାୟୁକ୍ତ ଆଇନ ପରିସର ମଧ୍ୟରେ ରହିବେ। ସେମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସିଲେ, ଲୋକାୟୁକ୍ତ ତଦନ୍ତ କରିବେ ଓ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାରଙ୍କୁ ସୁପାରିସ କରି ପାରିବେ।

ଦୁର୍ନୀତି ଲୋପ୍ ପାଇଁ ଆମ ଦେଶରେ ଆଇନ ରହିଛି। ତଥାପି ଦୁର୍ନୀତି ବଢୁଛି। ଏଣୁ ପ୍ରଥମେ ବ୍ୟକ୍ତି ଚରିତ୍ରରେ ପରିବର୍ତନର ଆବଶ୍ୟକତା ରହିଛି। ଦେଶରେ କାର୍ଯ୍ୟକାରୀ ପ୍ରାୟ ସମସ୍ତ ଆଇନ ଲକ୍ଷ୍ୟ ହାସଲ କରିପାରି ନାହିଁ। ଆମର ରାଜନେତା ଓ ଅଧିକାରୀଙ୍କ ମାନସିକତା ଏତେ ନିମ୍ନମୁଖୀ ହୋଇ ଯାଇଛି ଯେ, ସେମାନଙ୍କ ମସ୍ତିଷ୍କକୁ ସ୍ୱଚ୍ଛ-ନିର୍ମଳ-ବିକଶିତ କରାଇବା ଅସମ୍ଭବ ଭଳି ମନେ ହେଉଛି। ଲୋକାୟୁକ୍ତ ଆଇନ ଦ୍ୱାରା ଦୁର୍ନୀତି ହଟିବ କି ନାହିଁ, ତାହା ତ ଭବିଷ୍ୟତ କହିବ, ହେଲେ କୌଣସି ନୂଆ ଆଇନ ତିଆରି କରିବାକୁ କି କାର୍ଯ୍ୟକାରୀ କରିବାକୁ ମୁଖ୍ୟତଃ ଦଳମତ ନିର୍ବିଶେଷରେ ରାଜନେତା ଓ ଅଧିକାରୀ ଚାହିଁବେ ନାହିଁ, ଯାହା ଆଜି ଜଳଜଳ ଦେଖାଯାଉଛି।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଭୁବନେଶ୍ୱର



# ଅଳପୁଆ ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ସେବା ପ୍ରଦାନ କ୍ଷେତ୍ରରେ ଅବହେଳା ଅଭିଯୋଗ



**କେନ୍ଦ୍ରାପଡା,୯/୬(ନିପ୍ର):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ସେହି ପଂଚାୟତରେ ନଳକୂପ ଗୁଡିକ ମଧ୍ୟରୁ କେତେକ ଅକାମୀ ହୋଇଯାଇଥିବା ବେଳେ ଅନ୍ୟ କେତେକ ଅର୍ଦ୍ଧ କ୍ରୀୟାଶୀଳ ଅବସ୍ଥାରେ ରହିଛି । ଫଳରେ ପଂଚାୟତର ମହିଳାମାନେ ପିଇବା ପାଣି ଟୋପାଏ ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି । ବିଭାଗୀୟ କର୍ମଚାରୀ ଓ ଅଧିକାରୀମାନଙ୍କୁ ଏସମ୍ପର୍କରେ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ସେମାନେ ବିଭିନ୍ନ ଆଳ ଦେଖାଇ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହାନ୍ତି । ଅଧିବାସୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହାଛଡା ସ୍ୱାସ୍ଥ୍ୟ ସେବା ସମସ୍ୟା ମଧ୍ୟ ଏଠାରେ ଜଟିଳ ହୋଇପଡିଥିବା ଦେଖାଯାଇଛି । ଡାକ୍ତରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନଙ୍କ ନିମନ୍ତେ ବାସଗୃହ ଥାଇ ମଧ୍ୟ ସେମାନେ ଏଠାରେ ରହୁନଥିବାରୁ ବିଭିନ୍ନ ସମୟରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଂଚିତ ହେଉଛନ୍ତି । ତୁଳସୀଡିହା ଓ ଅଣ୍ଡରାରେ ମଧ୍ୟ ସେହି ଏକା ସମସ୍ୟା ଦେଖାଦେଇଛି । ଶିକ୍ଷା କ୍ଷେତ୍ରରେ ଏଠାରେ ସମସ୍ତ ପ୍ରକାର ଭିତିଭୂମୀ ଥାଇ ମଧ୍ୟ ବିଦ୍ୟାଳୟ ଗୁଡିକରେ ଅସ୍ଥାଇ ପ୍ରଧାନଶିକ୍ଷକମାନଙ୍କ ଶିକ୍ଷାଦାନ, ଉନ୍ନୟନ କାର୍ଯ୍ୟ ଓ ଅନୁଶାସନରେ ଅବହେଳା ଯୋଗୁ ତାହା ମଧ୍ୟ ସଫଳ ହୋଇପାରୁନାହିଁ । ଏହି ପଂଚାୟତରେ ଏକମାତ୍ର ଉଚ୍ଚ ବିଦ୍ୟାଳୟ ଓ ସଂପୃକ୍ତ ବିଦ୍ୟାଳୟ ପରିସରରେ ଅଳପୁଆ ନୋଡାଲ ପ୍ରାଥମିକ ବିଦ୍ୟାଳୟ ରହିଛି । ଉଭୟ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ଅସ୍ଥାଇ ହୋଇଥିବା ସହ ସେମାନଙ୍କ ମଧ୍ୟରେ ତାଳମେଳ ରହୁନଥିବାରୁ ସ୍କୁଲ ଗୃହ ନିର୍ମାଣ ସହିତ ଅଷ୍ଟମ ଶ୍ରେଣୀରେ ପାଠପଢା ନିୟମିତ ହୋଇପାରୁନାହିଁ । ସରକାରଙ୍କ ନିୟମ ଅନୁଯାଇ ସେହି ଦୁଇଟି ବିଦ୍ୟାଳୟକୁ ମିଶାଇ ଗୋଟିଏ ବିଦ୍ୟାଳୟ କରିବା ଓ ଗୋଟିଏ ପରିଚାଳନା ବ୍ୟବସ୍ଥା ମଧ୍ୟରେ ରଖାଯିବାକୁ ଗ୍ରାମବାସୀମାନେ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ,ଜିଲ୍ଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କୁ ବାରମ୍ବାର ନିବେଦନ କରିଆସୁଥିଲେ ମଧ୍ୟ ଅଦ୍ୟାବଧି ତାହା ଫଳପ୍ରଦ ହୋଇନାହିଁ । ଫଳରେ ଉଭୟ ବିଦ୍ୟାଳୟରେ ପାଠପଢା ବ୍ୟାହତ ହେବା ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ବ୍ୟାପକ ଦୁର୍ନିତୀ ହେଉଛି ବୋଲି ଅଭିଯୋଗ ହେଉଛି । ଅଣ୍ଡରା ଓ ବଲୁରିଆ ପଂଚାୟତରେ ମଧ୍ୟ ଏଭଳି ଏକା ସମସ୍ୟା ଲାଗିରହିଥିବା ସେମାନେ ଅଭିଯୋଗ କରିଛନ୍ତି । ତେଣୁ ଏହିସବୁ ଜନସ୍ୱାର୍ଥ ସମ୍ବଳିତ ସମସ୍ୟାର ସମାଧାନ ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ ନିମନ୍ତେ ପଂଚାୟତବାସୀଙ୍କ ପକ୍ଷରୁ ସରପଂଚ ରମେଶ ଦାସ, ରବିନ୍ଦ୍ର ଧଳ, ନରେନ୍ଦ୍ର କୁମାର ଧଳ, ସୁଶାନ୍ତ କୁମାର ରାଉତ, ଗଦାଧର ମଲ୍ଲିକ, ଅଭୟ ସ୍ୱାଇଁ, ଅମ୍ବିକା ମଲ୍ଲିକ, ଅଶୋକ ମଲ୍ଲିକ, ମନୋରଞ୍ଜନ ନାଥ ପ୍ରମୁଖ ଜିଲ୍ଲାପାଳ ପ୍ରେମ ଚନ୍ଦ୍ର ଚୌଧୁରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଚୌଧୁରୀ ଏସମ୍ପର୍କରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେମାନଙ୍କୁ ପ୍ରତିଶୃତି ଦେଇଥିବା ସୂଚନା ମିଳିଛି ।

# ଡା. ଗଜେନ୍ଦ୍ର ସାମଲଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା



**ଭଦ୍ରକ,୯।୬(ନିପ୍ର):** ଜଣେ ସଫଳ ଡାକ୍ତର କେବଳ ରୋଗୀର ଚିକିତ୍ସକ ନୁହନ୍ତି, ବରଂ ସେ ମାନବିକତା ଓ ହୃଦୟବତ୍ତାର ପ୍ରକୃଷ୍ଟ ପ୍ରତୀକ। ସେ ଦୃଷ୍ଟିରୁ ଦିବଂଗତ ଡାକ୍ତର ଗଜେନ୍ଦ୍ର କୁମାର ସାମଲ ଏକାଧାରରେ ଜଣେ ବିଶିଷ୍ଟ ଚିକିତ୍ସକ, ଦରଦୀ ହୃଦୟବାନ୍ ମଣିଷ ତଥା ଅଂଗୀକାରବଦ୍ଧ ସମାଜସେବୀ ଥିଲେ ବୋଲି ତାଂକ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଂଜଳି ସଭାରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ପାନ୍ଥନିବାସରେ ପୂର୍ବାହ୍ଣରେ ଡ. ରତ୍ନାକର ଦାସଙ୍କ ପୌରୋହିତ୍ୟ ଓ ପବିତ୍ର ପାଣିଗ୍ରାହୀଙ୍କ ସଂଚାଳନାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ନାୟକ ଓ ଡା. ସୁରଥ କୁମାର ବିଶ୍ୱାଳ ବରେଣ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ସୁଚିତ୍ର ପାଣିଗ୍ରାହୀ ଓ ପବିତ୍ର ପାଣିଗ୍ରାହୀଙ୍କ ସଂପାଦନାରେ ପ୍ରକାଶିତ ସୁଦୃଶ୍ୟ ସ୍ମରଣିକା "ସ୍ମୃତିରେ ସ୍ମୃତିରେ ଗତାୟୁ ଗଜେନ୍ଦ୍ର" ଲୋକାର୍ପିତ ହୋଇଥିଲା। ଗୋକୁଳାନନ୍ଦ ମହାନ୍ତି, ଡା. ହରେକୃଷ୍ଣ ନାୟକ, ଡ. ବଳରାମ ମିଶ୍ର, ଦେବେନ୍ଦ୍ର ସ୍ୱାଇଁ, ଅଜୟ ନାୟକ, ଝରଣା ପଟ୍ଟନାୟକ, ଡା. ସୁବାସ ବିଶ୍ୱାଳ, ଅବନୀ ପ୍ରଧାନ, କରୁଣାକର ବେହୁରିଆ, ଡ. ହୃଷିକେଶ ପଣ୍ଡା, ଡ. ରାଧାରାଣୀ ମହାପାତ୍ର, ଶତ୍ରୁଘ୍ନ ସାମଲ, ଡ. ରାଧାବିନୋଦ ନାୟକ, ମାଧବୀଲତା ମହାନ୍ତି, କମଳାକାନ୍ତ ସ୍ୱାଇଁ, ଡ. ପ୍ରଭାତ ନଳିନୀ ମହାପାତ୍ର, ଗୋବର୍ଦ୍ଧନ ସାମଲ, ହରମୋହନ ଜେନା, ବୈଲୋଚନ ବେହୁରିଆ, ଲୀନା ଦାସ, ଗୋଲକ ପ୍ରସାଦ ବୈୟାରୀ, ବିଭୂତି ଭୂଷଣ ସେନାପତି ଓ କିଶୋର ଚନ୍ଦ୍ର ରାୟ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ସ୍ମୃତି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ପୁତ୍ର ସମ୍ବିତ ସାମଲ ସଭାର ଶେଷସ୍ପର୍ଶ ଦେଇଥିଲାବେଳେ ଜାମାତା ହରିଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପତ୍ନୀ ଲିଲି ସାମଲ, ଜ୍ୟେଷ୍ଠପୁତ୍ର ସଂଜିତ, କନ୍ୟା ସୀମା ଓ ସୀପ୍ରା ନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

# ମ୍ୟାଲେରିଆ ନିୟନ୍ତ୍ରଣ ସଚେତନ ମାସର ଟାସ୍କ ଫୋର୍ସ ବୈଠକ

**କେନ୍ଦ୍ରାପଡା,୯/୬(ନିପ୍ର):** ପ୍ରତ୍ୟେକ ବର୍ଷର ଜୁନମାସକୁ ମ୍ୟାଲେରିଆ ସଚେତନ ମାସ ଭାବେ ଗ୍ରହଣ କରାଯାଇ ଥାଏ । ଚଳିତ ଜୁନମାସରେ ସାରା ଜିଲ୍ଲାରେ ଜନସାଧାରଣଙ୍କ ମଧ୍ୟରେ ମ୍ୟାଲେରିଆ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଜିଲ୍ଲାପାଳ ପ୍ରେମ ଚନ୍ଦ୍ର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉର୍ମିଳା ମିଶ୍ର ଜିଲ୍ଲାରେ ଚଳିତ ବର୍ଷର ପ୍ରଥମ ୫ମାସ ମଧ୍ୟରେ ୫ଜଣ ମ୍ୟାଲେରିଆ ରୋଗୀ ଚିହ୍ନଟ କରାଯାଇଥିବା ବେଳେ ପୂର୍ବ ବର୍ଷ ୪୦ଜଣ ମ୍ୟାଲେରିଆ ରୋଗୀଙ୍କୁ ଚିହ୍ନଟ କରାଯାଇ ଚିକିତ୍ସା କରାଯାଇଥିବାରୁ ଚଳିତ ବର୍ଷ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଉଛି ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ମିର୍ଜା ବାବର ବେଗ ପାୱାର ପ୍ରୋଜେକସନ ମାଧ୍ୟମରେ ଆସନ୍ତା ମୌସୁମୀ ବର୍ଷା ସମୟରେ ପାଣି ଜମୁଥିବା ସ୍ଥାନରେ ମାଇ ଏନୋଫିଲିସ ମଶା ଡିମ୍ବ ଦେଇ ବଂଶ ବୃଦ୍ଧି କରିବେ ତେଣୁ ସଚେତନତା ସ୍ୱରୂପ ଘରର ଆଖପାଖ ଅଚଂଳରେ ପାଣି ଜମିବାକୁ ନଦେବା ସହ ବିଶେଷ କରି ସଢେଇ,ଟାୟାର,ବ୍ୟବହୃତ ହେଉନଥିବା କୁଲର ପ୍ରଭୃତି ବର୍ଯ୍ୟବସ୍ତୁକୁ ସଫା କରିବା ଓ ପରିବେଶକୁ ପରିଷ୍କାର ପରିଛନ୍ନ ରଖିବା ସହିତ ବର୍ଷାଦିନେ ମଶାରୀ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ସାଧାରଣତଃ ମ୍ୟାଲେରିଆ ରୋଗରେ ପିଡିତ ରୋଗୀର କିଡନୀ,ଲିଭର ଓ ମସ୍ତିସ୍କକୁ ଏହା ଆକ୍ରାନ୍ତ କରି କ୍ଷତିଗ୍ରସ୍ତ କରିଥାଏ । ଜିଲ୍ଲାର ପ୍ରତ୍ୟେକ ଗ୍ରାମ ଠାରୁ ସହର ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ସହିତ ସଫେଇ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ଏହି କାର୍ଯ୍ୟକ୍ରମର ସଠିକ ପରିଚାଳନା ନିମନ୍ତେ ପ୍ରତ୍ୟେକ ସଚେତନତା ସ୍ଥାନର ଜିଓଟ୍ୟାଗିଂ ଫଟୋ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପିଡି ଦିଲ୍ଲିପ କୁମାର ପରିଡା,ଉପଜିଲ୍ଲାପାଳ ସଞ୍ଜୟ କୁମାର ମିଶ୍ର,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକଙ୍କ ସମେତ କମିଟି ସଦସ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଘରୋଇ ସ୍କୁଲ ମହାସଂଘର ପ୍ରଶିକ୍ଷଣ ଶିବିର



**ଭଦ୍ରକ,୯।୬(ନିପ୍ର):** ଭଦ୍ରକ ଡିଆରଡିଏ ସମ୍ମିଳନି କକ୍ଷରେ ଭଦ୍ରକ ଘରୋଇ ସ୍କୁଲ ମହାସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏଠାରେ ଏକ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହାକୁ ସଂଘର ସଭାପତି ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାରୁ ୭ଗୋଟି ବ୍ଲକ ମଧରୁ ପାଖାପାଖି ୨ଶହ ୫୦ଜଣ ଶିକ୍ଷକ/ଶିକ୍ଷୟତ୍ରୀ ମାନେ ଯୋଗଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରଶଂଗ ଘରୋଇ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ମାନେ କିପରି ଆହୁରି ଭଲ ଭବରେ ଛାତ୍ର/ଛାତ୍ରୀ ମାନଙ୍କୁ ପାଠ ପଢ଼ାଇ ପାରିବେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକଭାବେ ଗୋବିନ୍ଦ ଦଳାଇ, ବିରଜା ପ୍ରସାଦ ନାୟକ, ଡ. ସୁଶାନ୍ତ କୁମାର ନାୟକ ଏବଂ ଅଭୟ କୁମାର ପ୍ରଧାନ ଯୋଗଦେଇଥିଲେ। ସମ୍ପାଦକ ପ୍ରହ୍ଲାଦ କର, ସଯୋଜକ ଶରତ ଚନ୍ଦ୍ର ମହାପାତ୍ର, ପୁର୍ଣ୍ଣଚନ୍ଦ୍ର ସେନ, ଦିଲୀପ କୁମାର ନନ୍ଦୀ, ଦୁର୍ଯ୍ୟୋଧନ ପରିଡ଼ା, ସନ୍ତୋଷ ମିଶ୍ର, ଆଶିଷ ମିଶ୍ର ପ୍ରମୁଖ ପରିଚାଳନା କରିଥିଲା ବେଳେ ରମାକାନ୍ତ ନାୟକ, ବାବୀ ଲେଙ୍କା, ହରିହର ଜେନା, ଦୈତାରୀ ଜେନା, ଆଜାଦ ଅଲ୍ଲି ଏବଂ ସନ୍ତୋଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଜୟ କୁମାର ନାୟକ ଧନ୍ୟବାନ ଅର୍ପଣ କରିଥିଲେ।

# ଶୁଆ ପାଇଁ ଚଣା ଆଣିବାକୁ ଯାଇ ହତ୍ୟାକାଣ୍ଡର ଶିକାର ହେଲେ ଭିନ୍ନକ୍ଷମ ଯୁବକ

**ଢେଙ୍କାନାଳ,୯।୬(ନି.ପ୍ର):** ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା ଅନ୍ତର୍ଗତ ପଥରକଟା ଗାଁର ଜଣେ ଭିନ୍ନକ୍ଷମ ଯୁବକ ନିଜ ଘରେ ରଖିଥିବା ଶୁଆ ପାଇଁ ଗ୍ରାମ ଠାରୁ ପ୍ରାୟ ୧ କିଲୋମିଟର ଦୂର ବିଲକୁ ସାଇକେଲ୍ ଯୋଗେ ଯାଇଥିବା ବେଳେ ମଦ୍ୟପାନରୁ ଗଣ୍ଡଗୋଳ ଘଟି ହତ୍ୟାକାଣ୍ଡର ଶିକାର ହେବା ଘଟଣା ସମ୍ପୃକ୍ତ ଅଂଚଳରେ ଆଲୋଡନ ସୃଷ୍ଟି କରିଛି । ଏପରିକି ଗତ ବର୍ଷ ବିବାହ କରିଥିବା ସେହି ଭିନ୍ନକ୍ଷମ ଯୁବକଙ୍କ ପତ୍ନୀ ଗର୍ଭବତୀ ଥିବାରୁ ଅଂଚଳବାସୀଙ୍କୁ ଏହି ହତ୍ୟାକାଣ୍ଡ ଘଟଣା ମର୍ମାହତ କରିଦେଇଛି । ଘଟଣାରୁ ପ୍ରକାଶ ଯେ, ଗ୍ରାମର ହଗୁରୁ ମହନ୍ତଙ୍କ ଭିନ୍ନକ୍ଷମ ପୁଅ ସର୍ବେଶ୍ୱର (୨୯) ଘରେ ରଖିଥିବା ଶୁଆଙ୍କୁ ଖାଇବାକୁ ଦେବାପାଇଁ ଚଣା ଆଣିବା ଉଦେଶ୍ୟରେ ସାଇକେଲ୍ ଯୋଗେ ବିଲକୁ ଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ସଦସ୍ୟମାନେ ବ୍ୟସ୍ତ ବିବ୍ରତ ହୋଇ ଯାଇଥିବା ବେଳେ ନିକଟସ୍ଥ ବାଲିକୁମା ଗାଁର ସନ୍ଧା ଜଙ୍ଗଲରେ ସର୍ବେଶ୍ୱରଙ୍କୁ ଗଳାକଟା ଅବସ୍ଥାରେ ମରି ପଡିଥିବା କେତେକ ଗ୍ରାମବାସୀ ଦେଖି ତାଙ୍କ ପରିବାର ସଦସ୍ୟଙ୍କୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପରିବାର ସଦସ୍ୟମାନେ ପହଁଚି ଘଟଣା ଦେଖିବା ପରେ ଏହା ଏକ ଯୋଜନା ବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ୍ ନିକଟରେ ସର୍ବେଶ୍ୱରଙ୍କ ବାପା ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ଦଫା ୩୦୨ରେ ପୋଲିସ୍ ଏକ ହତ୍ୟା ମାମଲା ରୁଜୁ କରି ଢେଙ୍କାନାଳ ଆରକ୍ଷୀ ଅଧିକ୍ଷିକା ଅନୁପମା ଜେମ୍ସଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କାମାକ୍ଷାନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ, ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା ସଦଳବଳେ ପହଁଚି ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରି ଦେଇଥିଲେ । ଅନ୍ୟପକ୍ଷେ, ସର୍ବେଶ୍ୱର ଆଣିଥିବା ସାଇକେଲକୁ ବିକିବା ପାଇଁ କେତେକ ଲୋକଙ୍କ ସହିତ କଥାହୋଇ କେଉଁଆଡେ ଚାଲି ଯାଇଥିଲେ ବୋଲି କେତେକ ପ୍ରତ୍ୟକ୍ଷଦର୍ଶୀ କହୁଥିବା ବେଳେ ମଦ୍ୟପାନ ଯୋଗୁଁ ୨ ଜଣଙ୍କ ସହିତ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିବା ଫଳରେ ହତ୍ୟାକାଣ୍ଡ ଘଟିଥାଇ ପାରେ ବୋଲି ଅନ୍ୟ କେତେକ ବ୍ୟକ୍ତି ପ୍ରକାଶ କରିଛନ୍ତି । ବିଶେଷ କରି ସର୍ବେଶ୍ୱରଙ୍କ ପତ୍ନୀ ଗର୍ଭବତୀ ଥିବାରୁ ଗ୍ରାମବାସୀଙ୍କୁ ହତ୍ୟାକାଣ୍ଡ ଘଟଣା ମର୍ମାହତ କରିଛି ।

# ନାବାଳିକା ଝିଅକୁ ଉଦ୍ଧାର ପାଇଁ ଥାନାରେ ମା'ର ଅଭିଯୋଗ

**କେନ୍ଦ୍ରାପଡା,୯।୬(ନିପ୍ର):** ନାବାଳିକା ଝିଅକୁ ଉଦ୍ଧାର ପାଇଁ ମାଆ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ଶୁକଦେବ ସେନାପତିଙ୍କ ଝିଅ ଝୁନିଲତା ନିକିରାଇ ଥାନା ଅନ୍ତର୍ଗତ ବାରୋ ପଂଚାୟତର ଭଗବତୀପୁର ଗ୍ରାମରେ ଗତ ୨୦୦୫ ମସିହାରେ ବିବାହ କରିଥିଲେ। କିନ୍ତୁ ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବିକରି ଝୁନିଲତାକୁ ସ୍ୱାମୀ ପ୍ରଦୀପ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ । ଚଳିତ ଜୁନମାସ ୪ ତାରିଖ ସକାଳେ ଝୁନିଲତାକୁ ଏକଲକ୍ଷ ଟଙ୍କା ବାପଘରୁ ଆଣିବାକୁ କହି ତାଠାରୁ ସବୁ ଅଳଙ୍କାର ଶଶୁର ଘର ଲୋକେ ଛଡାଇ ନେବା ସହ ମା ଝିଅ ଦୁଇଜଣଙ୍କୁ ମାରିଦେବାକୁ ଧମକ ଦେବା ଏବଂ ରାତି ୧୧ଟାରେ ଝୁନିଲତାକୁ ନିସ୍ତୁକ ମାଡମାରି ଶାଶୁ ଶ୍ୱଶୁର ଓ ଦିଅର ପ୍ରମୁଖ କିରୋସିନି ଢାଳି ପୋଡିଦେବା ପାଇଁ ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଝୁନିଲତାର ଛୋଟ ଝିଅ ଓ ବଡଝିଅଙ୍କୁ ମଧ ସେମାନେ ମାରିବୋକୁ ଧମକ ଦେଇଛନ୍ତି । ଛୋଟ ଝିଅକୁ ଉଦ୍ଧାର କରି ଆଣିବା ସହ ସ୍ୱାମୀ ପ୍ରଦୀପ ନାୟକ, ଶ୍ୱଶୁର ଗଗନ ନାୟକ, ଶାଶୁ ମାଳତୀ ନାୟକ, ଦିଅର କାଳିଆ ନାୟକ ଓ ଦୀପକ ନାୟକ, ଦେଢଶୁର ଧୁନା ନାୟକ, ଜା ଧୁଳିଆ ନାୟକ ଓ ମୀନା ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଝୁନିଲତା ଥାନାରେ ନିବେଦନ କରିଛନ୍ତି । ତାଙ୍କୁ ୪ ତାରିଖ ବିଳମ୍ବିତ ରାତିରେ ନିସ୍ତୁକ ମାଡ ମାରିବା ସହ ସ୍ୱାମୀ ସହିତ ରିବାରର ଲୋକମାନେ କିରୋସିନି ଢାଳି ମାରିଦେବାକୁ ଉଦ୍ୟମ କରିଥିଲେ। ସ୍ୱାମୀ ପ୍ରଦୀପ ନାୟକ ତାଙ୍କ ଛାତି ଉପରେ ଲୁହା ରଡ୍ ପକାଇ ଚଢିଯିବା ଫଳରେ ସେ ବେହୋସ ହୋଇଗଲେ। ରାତି ଅଧରେ ତାଙ୍କର ଚେତା ଫେରିଲା ବେଳକୁ ସେ ଏକ ବାଉଁଶବୁଦା ଭିତରେ ପଡିଥିବା ଦେଖିବାକୁ ପାଇଥିଲେ। ସେଠୁ ଚାଲିଚାଲି ଜଝାଙ୍ଗ ପର୍ଯ୍ୟନ୍ତ ଆସିବା ପରେ ପେଟ୍ରୋଲିଂ କରୁଥିବା ଏକ ପିସିଆର ଭ୍ୟାନ୍ ତାଙ୍କୁ ଉଦ୍ଧାର କରିଥିଲା। ଏଣୁ ତାଙ୍କର ଛୋଟ ଝିଅଟିକୁ ଉଦ୍ଧାର କରାଯିବା ସହିତ ଦୋଷୀମାନଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ସେ ନିକିରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ନିକିରାଇ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାର ଅନୁସନ୍ଧାନ କରୁଥିବା ଜଣାପଡିଛି ।

# ଅମରେଶ୍ୱରଙ୍କ ଶୈବପୀଠରେ ରୁଦ୍ରଯଜ୍ଞ ଓ ଶିବବିବାହ ଉତ୍ସବ



**କେନ୍ଦ୍ରାପଡା,୯/୬(ନିପ୍ର):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପସ୍ଥିତ ପୁରାଣ ପ୍ରସିଦ୍ଧ ଅମରେଶ୍ୱରଙ୍କ ଶୈବପୀଠରେ ଶୀତଳଷଷ୍ଠୀ ଉପଲକ୍ଷେ ଶିବ ବିବାହ ଓ ରୁଦ୍ର ଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନବମ ବାର୍ଷିକ ଶୀତଳଷଷ୍ଠୀ କାର୍ଯ୍ୟକ୍ରମରେ ବୁଧବାର ଅଙ୍କୁରାରୋପଣ କରାଯାଇ ଗୁରୁବାର କଳସଯାତ୍ରା, ଅଗ୍ନିସ୍ଥାପନ, ରୁଦ୍ରାଭିଷେକ, ଚଣ୍ଡିପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରୁଦ୍ରାଭିଷେକ ସହ ଶିବ ବିବାହ ଉତ୍ସବ ସଂନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଥିଲା। ଏହି ବିବାହ କାର୍ଯ୍ୟକ୍ରମରେ ବରପିତାଭାବେ ସୁଧାଂଶୁ ଶେଖର ପଣ୍ଡା ଓ ଅନିଲ୍ ରଂଜନ ପଣ୍ଡା ବିବାହ ନିର୍ବାହ କରିଥିବାବେଳେ କନ୍ୟାପିତାଭାବେ ସଂଗ୍ରାମ କେଶରୀ ଜେନା କନ୍ୟାଦାନ କରିଥିଲେ। ରୁଦ୍ର ଯଜ୍ଞ ଅନୁଷ୍ଠାନରେ ଯଜ୍ଞକର୍ତାଭାବେ ମହେନ୍ଦ୍ର କୁମାର ରାଉତ ଓ ରାଜଲକ୍ଷ୍ମୀ ରାଉତ ଅଂଶଗ୍ରହଣ କରି ରୁଦ୍ର ଯଜ୍ଞ ସମାପନ କରିଥିଲେ। ପଣ୍ଡିତ ଧ୍ରୁବ ଚରଣ ପଣ୍ଡା, ଗଣେଶ୍ୱର ପଣ୍ଡା, ଭ୍ରମରବର ନନ୍ଦ, ନରହରି ପତି, ପୂର୍ଣ୍ଣଚନ୍ଦ୍ର ପତି, କୃଷ୍ଣଚନ୍ଦ୍ର ମିଶ୍ର, ଉମାକାନ୍ତ ପତି, ରବିନ୍ଦ୍ର ପତି, ଚିତରଂଜନ କର, କୁଞ୍ଜବିହାରୀ ଦାସ, ହରିହର ଶତପଥୀ, ହେମନ୍ତ କର, ସରୋଜ ପତି ପ୍ରମୁଖ ଯାଜ୍ଞିକ ପଣ୍ଡିତମାନେ ଯଜ୍ଞକାର୍ଯ୍ୟ ବୈଦିକ ମତେ ନିର୍ବାହ କରିଥିଲେ। ଶନିବାର ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

### କନ୍ଧମାଳ ଜିଲ୍ଲାକୁ ବେଆଇନ ବାଉଁଶ କରିଡ ଚାଲାଣ ବେଳେ ଚଢାଉ

# ବାଇକ ଓ କରିଡ ଜବତ : ମାଫିଆ ଫେରାର୍



ଦଶପଲ୍ଲା,୯/୬ ଦଶପଲ୍ଲାରୁ କନ୍ଧମାଳ ଜିଲ୍ଲାକୁ ଦୈନିକ ବାଉଁଶ କରିଡ (ବାଉଁଶ ଗଜା) ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ଗତକାଲି ପୋଖରୀଗୋଛା ସେକ୍ସନ ବନପାଳ ରାକେଶ କୁମାର ସାହୁ ପାଟ୍ରୋଲିଂ କରୁଥିବା ସମୟରେ ଚଢାଉ କରି ଏକ ବାଇକ ସହ ୩ ବସ୍ତା ବାଉଁଶ କରିଡ ଜବତ କରିଛନ୍ତି। ଦିର୍ଘଦିନ ଧରି ଦଶପଲ୍ଲାର କିଛି ମାଫିଆ କ୍ୱିଂଟାଲ କ୍ୱିଂଟାଲ ବାଉଁଶ କରିଡ କନ୍ଧମାଳ ଜିଲ୍ଲାର ଫୁଲବାଣି ଏବଂ ବାଲିଗୁଡା ଅଂଚଳକୁ ଚାଲାଣ କରି ଆସୁଛନ୍ତି। ରାତି ବସ ଯୋଗେ ଦଶପଲ୍ଲା ବସଷ୍ଟାଣ୍ଡ ଏବଂ ଦୁର୍ଗାବଜାର ଛକରୁ ଏସବୁ କରିଡ ଚାଲାଣ ହୋଇ ଆସୁଛି। ଏହାକୁ ନେଇ ସ୍ଥାନୀୟ କିଛି ଜନସାଧାରଣ ବନବିଭାଗକୁ ସୂଚନା ଦେଇ ଆସୁଥିଲେ ମଧ୍ୟ ସଦର ସେକ୍ସନ ବନପାଳ ଏଥିପ୍ରତି ଜାଣିଶୁଣି କୌଣସି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇ ଆସୁଥିଲା। ବନାଚଂଳ କାର୍ଯ୍ୟାଳୟ ତଥା ସଦର ସେକ୍ସନର ମାତ୍ର ୧ କିମି ଦୂରତା ମଧ୍ୟରେ ଏସବୁ କରିଡ ଦୈନିକ ବାହାରକୁ ଚାଲାଣ ହୋଇ ଆସୁଥିବା ବେଳେ ସମ୍ପୃକ୍ତ ବନପାଳ ଏହା କିଭଳି ଜାଣି ପାରୁ ନାହାଁନ୍ତି ତାହା ବଡ ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ମାତ୍ର ଗତକାଲି ପୋଖରୀଗୋଛା ସେକ୍ସନ ବନପାଳ ରାକେଶ କୁମାର ସାହୁଙ୍କ ପାଟ୍ରୋଲିଂ ଡ୍ୟୁଟି ଥିବା ବେଳେ ଖବରପାଇ ରାତି ପ୍ରାୟ ୯ ଟାରେ ବସଷ୍ଟାଣ୍ଡ ଠାରେ ଚଢାଉ କରିଥିଲେ। ଘଟଣାସ୍ଥଳରୁ ମାଫିଆ ମାନେ ଖସି ପଳାଇବାରେ ସକ୍ଷମ ହୋଇଥିବା ବେଳେ (ଓଡି ୨୫ ୦୨୬୫) ଏକ୍ସଏଲ୍ ବାଇକ ଉପରେ ଚାଲାଣ ପାଇଁ ଥିବା ୩ ବସ୍ତା କରିଡକୁ ଜବତ କରିଛନ୍ତି। ଏସବୁ କରିଡ ୪୦ କିଗ୍ରା ହେବା ନେଇ ବନବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ଗାଡିଟି କାହାର ଓ କିଏ ଚାଲାଣ କରୁଥିଲା ସେ ନେଇ ବନବିଭାଗ ପକ୍ଷରୁ ତଦନ୍ତ ଚାଲିଥିବା ବେଳେ ଆଗକୁ ବନବିଭାଗ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

